# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of VictiMS

RNI Regd. No. :ODIMUL/2023/89182 Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୫, ଭୁବନେଶ୍ୱର, ଡିସେମ୍ବର ୨୨- ଡିସେମ୍ବର ୨୮, ୨୦୨୫, Vol: 3, Issue: 5, Bhubaneswar, December 22- December 28, 2025 Pages- 8



ପୃଷ୍ଠା ୫ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ମିଳିବନି ପେଟ୍ରୋଲ୍-ଡିଜେଲ

ପୃଷ୍ଠା ୮ ଜଣେ ଗାନ୍ଧୀ ଜଣେ ରାମ



ଅନ୍ ଲାଇନ୍‌ରେ ଖବର ପଢ଼ିବା ପାଇଁ ଲଗ୍ ଇନ୍ କରନ୍ତୁ।

voiceofvictimsepaper.in



ପୃଷ୍ଠା ୨ ୫୦ରୁ ଉର୍ଦ୍ଧ୍ୱ ବିଜେଡି ନେତାଙ୍କ ଡେରାସରେ ବନ୍ଧୁ ମିଳନ






ପୃଷ୍ଠା ୩





ଫିନଲାଣ୍ଡ

ପୃଷ୍ଠା ୪ ବକ୍ର ଦେଉଳ ଓ ଲଡୁଖିଆ ମାଛ


ପୃଷ୍ଠା ୬ ନୂଆବର୍ଷରୁ ଗାଡ଼ି ଚାଳକ ସାବଧାନ !




# ସରକାରଙ୍କ ମାତ୍ରାଧିକ ପ୍ରଭାବ

# ଚାପରେ ପୋଲିସ



## ରାଜ୍ୟର ସାଂପ୍ରତିକ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିଜସ୍ୱ ଢଙ୍ଗରେ ଆକଳନ କରିଛନ୍ତି ଆମ ପୁରୀ ଜିଲ୍ଲା ପ୍ରତିନିଧି ଡାକ୍ତର ରଶ୍ମିରଞ୍ଜନ ମହାରଥା

ଦିନକୁ ଦିନ ରାଜ୍ୟରେ ବିଗିଡ଼ି ଯାଉଛି ଆଇନ ଶୃଙ୍ଖଳା ପରିସ୍ଥିତି। ଆଇନ ଶୃଙ୍ଖଳା ସରକାରଙ୍କ ନିୟନ୍ତ୍ରଣରେ ଥିବା ଭଳି ମନେ ହେଉନି। ଅପରାଧୀମାନେ ନିର୍ଭୟରେ ଅପରାଧ କରି ଚାଲିଛନ୍ତି। ମହିଳାଙ୍କ ଉପରେ ବର୍ବରୋଚିତ ଆକ୍ରମଣ ହେଉଛି। ନାରୀ ନିର୍ଯ୍ୟାତନା ଓ ଦୁଷ୍କର୍ମ ଘଟଣା ଅଭାବନୀୟ ଭାବେ ବଢ଼ିଚାଲିଛି। ଆଜି ପର୍ଯ୍ୟନ୍ତ ବଲଙ୍ଗା ଘଟଣାରେ ପୁଲିସ୍ କିଛି ସ୍ପଷ୍ଟ କଲା ନାହିଁ। ବାଲେଶ୍ୱର ସୌମ୍ୟାଶ୍ରୀ ଘଟଣାରେ ଶାସକ ଦଳର ସଂପୃକ୍ତି ରହିଛି। ସେଠାରେ ଆଇଜିଙ୍କୁ ଛୁଟିରେ ଯିବାକୁ ବାଧ କରାଗଲା। ଭୁବନେଶ୍ୱରରେ ମହିଳା ପୁଲିସ କନଷ୍ଟେବଲ ଶୁଭମିତ୍ରା ସାହୁଙ୍କୁ ହତ୍ୟା କରି କମିଶନରେଟ୍ ପୁଲିସ ଅଫିସ୍ ପାର୍କିଂରେ ଶବ ରହିଲା। ଜେଲ୍‌ରୁ ଦୁର୍ଦ୍ଦାନ୍ତ ଅପରାଧୀ ଫେରାର ହୋଇ ଯାଉଛନ୍ତି। ରାଜ୍ୟରେ ଦଙ୍ଗା ବଢୁଛି। ଆଦିବାସୀଙ୍କ ଉପରେ ଜୁଲମ ବଢ଼ିଛି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ମଧ୍ୟ ଏହା ଅଧିକ ଘଟୁଛି। ଜଙ୍ଗଲ ମାଫିଆଙ୍କ ଉପରେ ସରକାରୀ ନିୟନ୍ତ୍ରଣ ନାହିଁ। ମହିଳାଙ୍କ ପାଇଁ ପୋଲିସ୍ ହେଲ୍ପ ଡେସ୍କ କାମ କରୁନି। ରାଜ୍ୟ ସରକାର ସବୁ ଥାନାକୁ ସ୍କର୍ପିଓ ଗାଡ଼ି ଦେଇଛନ୍ତି ବୋଲି କହୁଛନ୍ତି, ହେଲେ ସେଥିରେ ତେଲ ପକାଇବାକୁ ପଇସା ଦେଉନାହାନ୍ତି। ସବୁ ଥାନା ଶାସକ ଦଳଙ୍କ କବ୍‌ଜାରେ ରହୁଛି। ପୋଲିସର ଅପାରଗତା ଜଳ ଜଳ ଦେଖାଯାଉଛି। ସରକାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଜାଡ଼ିବା ପରିବର୍ତ୍ତେ ପୂର୍ବ ସରକାରଙ୍କ ଦୋଷ ଖୋଜୁଛନ୍ତି। ବିଜେପି ସରକାର ସବୁଥିରେ ୨୪ ବର୍ଷର ବିଜେଡି ସରକାରକୁ ତୁଳନା କରୁଛନ୍ତି, ହେଲେ ନିଜର ୧୮ ମାସରେ କ'ଣ ଘଟିଲାଣି ତା'ର ସମୀକ୍ଷା କରା ହେଉନି। ଗତ ୧୭ ମାସରେ ୧୭ଟି ପରୀକ୍ଷା ବାତିଲ ହୋଇ ସାରିଲାଣି। ବିଜେପି ବିରୋଧୀ ଦଳରେ ଥିବା ବେଳେ ନବ ଦାସ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ପାଇଁ ଦାବି କରୁଥିଲା। କିନ୍ତୁ ଏବେ ନବ ଦାସଙ୍କ ପରିବାର ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାରିଲା ପରେ ବି ସିବିଆଇ ତଦନ୍ତ କରାଯାଉ ନାହିଁ କାହିଁକି ? ବିଭିନ୍ନ ଘଟଣାରେ ସରକାର କମିଶନ ପରେ କମିଶନ ଗଠନ କରିଚାଲିଛନ୍ତି। ହେଲେ ତଦନ୍ତ ରିପୋର୍ଟ ସାମନାକୁ ଆସୁନି। ଏମିତି ଅନେକ ଆରୋପ ପ୍ରତ୍ୟାରୋପରେ ସଦ୍ୟ ଅନୁଷ୍ଠିତ ହୋଇଥିବା ବିଧାନସଭା ଅଧିବେଶନରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ। କିନ୍ତୁ ବାସ୍ତବରେ ଗୃହ ବିଭାଗ ଶାସନ ଓ ପ୍ରଶାସନର ମେରୁଦଣ୍ଡ। ବିଧାନସଭାରେ ବିରୋଧୀ ଏଭଳି ଯେତେ ସବୁ ଆରୋପ ଲଗାଇ ସରକାରଙ୍କୁ ଘେରିଛନ୍ତି, ଉକ୍ତ ସମସ୍ତ ଆରୋପ ପ୍ରତ୍ୟାରୋପ ପ୍ରତ୍ୟକ୍ଷରେ ହେଉ କି ପରୋକ୍ଷରେ ତାହା ଗୃହ ବିଭାଗ ବା ପୋଲିସ୍ ପ୍ରଶାସନର ଅପାରଗତାକୁ ହିଁ ପଦାରେ ପକାଇଛି। ଯେଉଁଠି ପୋଲିସ୍ ନିଜେ ସୁରକ୍ଷିତ ନୁହେଁ ସେଠି ସାଧାରଣ ଜନତାଙ୍କୁ କି ସୁରକ୍ଷା ମିଳିବ ବୋଲି ମଧ୍ୟ ପ୍ରଶ୍ନ ଉଠୁଛି।




ଇତିମଧ୍ୟରେ ସାମନାକୁ ଆସିଛି ଏକ ଭୟଙ୍କର ନିଛକ ସତ୍ୟ। ଭଏସ୍ ଅଫ୍ ଭିକ୍ଟିମ୍ସ ଖବରକାଗଜର ସଦ୍ୟ ଅନୁଷ୍ଠିତ ସ୍ୱନକ୍ଷତ୍ର ଉତ୍ସବରେ "ଆତ୍ମୀୟତା ଓ ସହଯୋଗରେ ସହାୟତା" ଶୀର୍ଷକ ଆଲୋଚନା ଚକ୍ରରେ ଭାଗ ନେଇ ପୋଲିସ୍ କାର୍ଯ୍ୟଦକ୍ଷତା ଏବଂ ପାରିବା ପଣିଆକୁ ନିୟନ୍ତ୍ରଣରେ ରଖିଥିବା ତଥାକଥିତ ରାଜନେତା ମାନଙ୍କର ଅସଲ ଚେହେରାକୁ ପଦାରେ ପକାଇ ଦେଇଛନ୍ତି ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା। ପୋଲିସ୍‌ର ଟ୍ରେନିଂ ଏବଂ ଉଦ୍ଦେଶ୍ୟ ଯେଉଁ ପ୍ରକାରର ହୋଇଥାଏ, ଅତିରୁ ଅତି ଜଟିଳ ସମସ୍ୟା ମଧ୍ୟ ପୋଲିସ୍ ସମାଧାନ କରିପାରିବ ଏବଂ ଅପରାଧ ନିୟନ୍ତ୍ରଣ କରିବାରେ ସଫଳ ହେବ। ମାତ୍ର ଯେଉଁ ପରିସ୍ଥିତି ଏବଂ ପରିବେଶରେ ପୋଲିସ୍ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି ତାହା ବେଳେ ବେଳେ ଅପରାଧୀକୁ ଛାଡ଼ି ଦେବା ପାଇଁ ବାଧ ହୋଇଥାଏ। ଅନେକ ସମୟରେ ପୋଲିସ୍ ଉପରେ ସରକାରଙ୍କ ମାତ୍ରାଧିକ ନିୟନ୍ତ୍ରଣ ହିଁ ଏଥିପାଇଁ ଦାୟୀ ହୋଇଥାଏ। ଅନେକ ଘଟଣାକ୍ରମରେ ପୋଲିସ୍‌କୁ ଏଥିପାଇଁ ଅନ୍ୟତ୍ର ବଦଳି କରାଯାଇଥାଏ ବା ଛୁଟି ନେଇ ଘରେ ରହିବାକୁ ବାଧ କରାଯାଇଥାଏ। ଶାସନରେ ଥିବା ରାଜନୈତିକ ଦଳମାନେ ନିଜ କଥାରେ ବସ୍ ଉଠ୍ ହେଉଥିବା ଅଧିକାରୀ ମାନଙ୍କୁ ପୋଲିସ୍ ବିଭାଗର ସର୍ବୋଚ୍ଚ ପଦପଦବୀ ଗୁଡିକରେ ବସାଇ ଦିଅନ୍ତି ଏବଂ ନିଜ ଆବଶ୍ୟକ ଅନୁସାରେ ସେମାନଙ୍କୁ ପରିଚାଳନା କରିଥାନ୍ତି। ଯଦି କେଉଁ ଅଧିକାରୀ ଟିକେ ସଚ୍ଚୋଟ ବା କଡା ପଡିଗଲେ ତ ତାଙ୍କୁ ତୁରନ୍ତ ସେ ପଦବୀରୁ କାଢ଼ି ଅନ୍ୟତ୍ର ବଦଳି କରି ଦିଆଯାଏ ନତୁବା ତାଙ୍କ ବିରୁଦ୍ଧରେ କୌଣସି ଗୋଟେ ଅନୈତିକ ଅଭିଯୋଗ ଆଣି ବିଭିନ୍ନ ମାମଲାରେ ଛନ୍ଦି ଦିଆଯାଏ। ତେଣୁ ନିଜର ଅନିଚ୍ଛା ସତ୍ତ୍ୱେ ବି ଦୁର୍ନୀତି କରିବାକୁ ବା ଦୁର୍ନୀତିକୁ ପ୍ରଶ୍ରୟ ଦେବାକୁ ପୋଲିସ୍ ବାଧ ହୁଏ। ଏଠାରେ ଦୁର୍ନୀତି ଅର୍ଥ କେବଳ ଯେ ଆର୍ଥିକ ଦୁର୍ନୀତି ତାହା ନୁହେଁ, ବରଂ କୌଣସି ମାମଲାରେ ଅପରାଧୀକୁ ଗିରଫ ନକରିବା ବା ଜାଣିଶୁଣି ଅବହେଳା ପ୍ରଦର୍ଶନ କରିବା ବି ଏକ ପ୍ରକାରର ଦୁର୍ନୀତି ବୋଲି ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଶର୍ମା ପ୍ରକାଶ କରିଛନ୍ତି। ବିରୋଧୀ ନେତାମାନଙ୍କର ଆରୋପର ଜବାବ ଦେଇ ଶାଶକ ଦଳ ପକ୍ଷରୁ କୁହାଯାଇଛି, ପୁଲିସ୍ ବିଭାଗ ଉପରେ କାହାର କୌଣସି ଚାପ ନାହି। ପୁଲିସ୍ ନିରପେକ୍ଷ ଭାବେ କାମ କରୁଛି। ସବୁ ଘଟଣାରେ ଅପରାଧୀଙ୍କୁ ତତ୍କାଳ ଗିରଫ କରାଯାଉଛି। ପୂର୍ବ ସରକାର ସମୟରେ କୌଣସି ସ୍ଥାନରେ ପୀଡ଼ିତାଙ୍କୁ ଭେଟିବାକୁ ମୁଖ୍ୟମନ୍ତ୍ରୀ କି ମନ୍ତ୍ରୀ ଯାଉ ନଥିଲେ। କିନ୍ତୁ ଆମ ସରକାରରେ ମନ୍ତ୍ରୀ ବା ବିଧାୟକ ତୁରନ୍ତ ଘଟଣାସ୍ଥଳରେ ଯାଇ ପହଞ୍ଚୁଛନ୍ତି। ପୁଲିସ୍ ଏସ୍.ଆଇ ପରୀକ୍ଷା କେଳାଙ୍କାରୀ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଧରାଯାଇଛି। ୧୮ ମାସର ସରକାରରେ ଗୃହ ବିଭାଗର ବହୁତ ଉପଲବ୍ଧି ଅଛି। ହତ୍ୟା ମାମଲା ୬%, ଡକାୟତି ମାମଲା ୫.୫%, ଦଙ୍ଗା ମାମଲା ୨୨.୨%, ଚୋରି ୮.୩% କମିଛି। ପୂର୍ବ ସରକାରରେ ପୁଲିସ୍ ଓ ଓକିଲଙ୍କର ମଧୁଚନ୍ଦ୍ରିକା ଥିଲା, ଯାହା ଏବେ ନାହିଁ ବୋଲି କୁହା ଯାଇଥିବା ବେଳେ, ଗୃହ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଅନୁଦାନ ଦାବି ଆଲୋଚନାର ଉତ୍ତର ଦେବା ଅବସରରେ, "ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସବୁପ୍ରକାର ରାଜନୈତିକ ଆଲୋଚନା ସମାଲୋଚନା ଭିତରେ ପୁଲିସର ପ୍ରତ୍ୟେକ ବିଭାଗ ନିଜ ନିଜ କର୍ତ୍ତବ୍ୟ ଠିକ୍ ରୂପେ ସମ୍ପାଦନ କରି ଆସୁଛନ୍ତି। କୌଣସି ରାଜନୈତିକ ଚାପର ବଶବର୍ତ୍ତୀ ନହୋଇ ଅପରାଧୀଙ୍କ ବିରୋଧରେ ପୁଲିସ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଏବଂ କୌଣସି ଅପରାଧୀଙ୍କୁ ରାଜନୈତିକ ସଂରକ୍ଷଣ ଦେଇନାହାନ୍ତି" ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରକାଶ କରିଛନ୍ତି।

# ୫୦ରୁ ଊର୍ଦ୍ଧ୍ୱ ବିଜେଡି ନେତାଙ୍କ ଡେରାସରେ ବନ୍ଧୁ ମିଳନ

**ଭୁବନେଶ୍ୱର (ଭିଓଭି) :** ବନ୍ଧୁ ମିଳନ ନାଁରେ ବିଜେଡିର ପରାଜିତ ନେତା ଭୁବନେଶ୍ୱର ଉପକଣ୍ଠ ଡେରାସରେ ମେଳି କରିଛନ୍ତି। ଆଗକୁ ବିଜେଡିର ପ୍ରତିଷ୍ଠା ଦିବସ ଥିବାବେଳେ ଦଳରେ ନୂଆ ନେତୃତ୍ୱକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏଭଳି ସମୟରେ ୫୦ରୁ ଅଧିକ ଦଳୀୟ ନେତା ଏକାଠି ହୋଇଛନ୍ତି। ଏହି ମେଳିରେ ଯୁବକଠୁ ଆରମ୍ଭ କରି କେତେକ ବରିଷ୍ଠ ଓ ମହିଳାଙ୍କୁ ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ପୂର୍ବତନ ବିଧାୟକ ଏବଂ ଗତ ନିର୍ବାଚନରେ ଲଢ଼ି ହାରିଥିବା ନେତା। ହଠାତ୍ ଏହି ମେଳି ପଛର କାରଣ କ'ଣ, କିଏ ଏହି ଭୋଜିଭାତର ଆୟୋଜନ କରିଥିଲା ବୋଲି ରାଜନୈତିକ ମହଲରେ ପ୍ରଶ୍ନ ଉଠୁଥିବା ବେଳେ ଏହା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଥିଲା ବୋଲି କୁହାଯାଇଛି। ବୈଠକରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ କହିଛନ୍ତି, ବିଜେଡି ଟ୍ରେନ୍‌କୁ ଡିରେଲ କରିବାକୁ କିଛି ଅସାମାଜିକ ଗୋଡ଼ି ଥୋଇଥିଲେ, ଗୋଡ଼ି ହଟାଯାଉଛି। ଏହା ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଏବଂ ଚନ୍ଦ୍ରସାରଥି ବେହେରା ସମସ୍ତଙ୍କୁ ଡାକିଛନ୍ତି। ଏଠାରେ ସଙ୍ଗଠନକୁ ଆଗକୁ କିପରି ବଢ଼ାଯିବ, ସେନେଇ ବିଭିନ୍ନ ଚର୍ଚ୍ଚା ଓ ଆଲୋଚନା ହେଉଛି। ପୂର୍ବତନ ବିଧାୟକ କିଶୋର ତରାଇ କହିଛନ୍ତି, କୌଣସି ଦଳକୁ ଆଗେଇ ନେବା ପାଇଁ ନେତୃତ୍ୱ ଆବଶ୍ୟକ। ନେତାଙ୍କ ଉପରେ ଲୋକେ ଦାୟିତ୍ୱ ଦେଇଥାନ୍ତି। ଉକ୍ତ ନେତା ନିଜେ ଦାୟିତ୍ୱ ନନେଇ ଅଲଗା ଲୋକଙ୍କ ହାତରେ ଟେକିଦେଲେ, ଯାହା ହେବା କଥା ହେବ। ସେଥିପାଇଁ ପଞ୍ଚାୟତ ସ୍ତରର ସମର୍ଥକ ଦଳ ଛାଡ଼ୁଛନ୍ତି। ବିଭିନ୍ନ ନିର୍ବାଚନମଣ୍ଡଳୀରେ ଦଳରେ ନଥିବା ଲୋକଙ୍କୁ ଟିକଟ ଦିଆଗଲା।

ଦଳରେ ଦୀର୍ଘ ବର୍ଷ ଧରି ପଡ଼ିରହି ମାଡ଼ ଖାଇଥିବା ଲୋକଙ୍କୁ ଉପେକ୍ଷା କରି ଅନ୍ୟ

## ପରାଜିତଙ୍କ ମେଳି

ଲୋକଙ୍କୁ ଥଇଥାନ କରାଯାଇଥିଲା। ସେଥିପାଇଁ ଲୋକ ଦଳ ଛାଡ଼ୁଛନ୍ତି। ଦଳକୁ ବଞ୍ଚାଇ ରଖିବା ପାଇଁ ଚାହୁଁଥିଲେ ସେଭଳି ଆଉ କରିବେ ନାହିଁ। ନୂଆ ପରିକଳ୍ପନା କରି ଦଳକୁ ଆଗକୁ ନେବା ପାଇଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ପୂର୍ବତନ ବିଧାୟକ ପ୍ରଭୁ ଜାନୀ କହିଛନ୍ତି, ଦଳରେ ଯୁବ ନେତୃତ୍ୱ ଆଗକୁ ଆସିବା ଦରକାର ଅଛି।



ଯୁବ ନେତୃତ୍ୱଙ୍କୁ ନେଇ ଆଜିଠୁ ଗୋଟେ ନୂଆ ସମୀକରଣ ଆରମ୍ଭ ହେବ। କାର୍ଯ୍ୟକ୍ରମରେ ପ୍ରୀତି ରଞ୍ଜନ ଘଡ଼େଇ, ରାଜେନ୍ଦ୍ର ସାହୁ, ସମ୍ବିତ ରାଉତରାୟ, ଲତିକା ପ୍ରଧାନ, ମହିଧର ରଣାଙ୍କ ସମେତ ବହୁ ନେତା ସାମିଲ ହୋଇଥିଲେ।

## ନୂଆ ଦଳ ଗଠନ ନେଇ ଜୋର୍‌ଦାର୍ ଚର୍ଚ୍ଚା

# ମୋକିମ୍ ଓ ବିଜୟଙ୍କୁ ନେଇ ରାଜନୀତି ସରଗରମ

**ଭୁବନେଶ୍ୱର (ଭିଓଭି) :** ରାଜ୍ୟରେ ଗଠନ ହେବ କି ନୂଆ ଆଞ୍ଚଳିକ ଦଳ? ଗୁରୁବାର ଦିନ ବିଜୟ ମହାପାତ୍ରଙ୍କୁ, ମହମ୍ମଦ ମୋକିମ୍ ଭେଟିବା ପରେ ଏହି ଚର୍ଚ୍ଚା ଜୋର ଧରିଛି । ଇତିମଧ୍ୟରେ ନୂଆ ଆଞ୍ଚଳିକ ଦଳ ଗଠନ ଚର୍ଚ୍ଚାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ । ସେ କହିଛନ୍ତି, ନୂଆ ଦଳ ଗଠନ ହେବ, ଗଣମାଧ୍ୟମକୁ ଦିଆଯିବ ସୂଚନା । ହେଲେ ଏବେ କୌଣସି ପ୍ରତିକ୍ରିୟା ଦେଇହେବନି। ଗୁରୁବାର ମୋକିମ୍ ଓ ବିଜୟ ମହାପାତ୍ରଙ୍କ ଭେଟଘାଟକୁ ନେଇ ସରଗରମ ହୋଇଛି ରାଜ୍ୟ ରାଜନୀତି । ବିଜୟ ମହାପାତ୍ରଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟିଛନ୍ତି ମହମ୍ମଦ ମୋକିମ୍। ପୂର୍ବରୁ ଏକ ସଭାରେ ନୂଆ ଦଳ ନେଇ ସଂକେତ ଦେଇଥିଲେ ବିଜୟ। ତେବେ କୌଣସି ରାଜନୈତିକ ଆଲୋଚନା ହୋଇନି, ବ୍ୟକ୍ତିଗତ ବାର୍ତ୍ତାଳାପ ହେଲା ବୋଲି ଉଭୟ ନେତା କହିଛନ୍ତି ।




ଏପଟେ ନୂଆ ଆଞ୍ଚଳିକ ଦଳ ଗଠନ ଚର୍ଚ୍ଚା ଭିତରେ ଜବାବ ରଖିଛି ବିଜେଡି। ଦଳ କହିଛି, ଯେଉଁମାନେ ସମୀକରଣ କରୁଛନ୍ତି ସେମାନେ ଜାଣିଥିବେ କେତେ ସଫଳ କେତେ ବିଫଳ ହେବେ। ଓଡ଼ିଶାରେ ଯେତେ ପ୍ରକାର ଦଳ ତିଆରି ହେଲେ ବି ବିଜେଡିର କ୍ଷତି ହେବ ନାହିଁ । ସାରା ଓଡ଼ିଶାର ଲୋକେ ବିଜୁ ବାବୁ ଓ ନବୀନ ବାବୁଙ୍କୁ ଭଲ ପାଉଛନ୍ତି । ଲୋକେ ଭଲ ପାଉଥିଲେ ସମୀକରଣ ତିଆରି କରିବେ। ଆମ ଦଳରୁ ବହୁତ ନେତା ଯାଇଛନ୍ତି ବହୁତ ନେତା ଆସିଛନ୍ତି। ବିଜେଡିର କିଛି ଅସୁବିଧା ହୋଇନି କି ହେବନାହିଁ ବୋଲି କହିଛି ଦଳ।

ରାଜ୍ୟର ଅନେକ ଯୁବ ଓ ପୁରୁଖା ନେତା ବିଭିନ୍ନ କାରଣରୁ ଏବେ କୋଣଠେସା ହୋଇ ରହିଛନ୍ତି । ସେମାନେ କେଉଁ ଦଳରେ ଯୋଗଦେବେ ତାହା ସ୍ଥିର କରିପାରୁ ନାହାଁନ୍ତି। କାରଣ ରାଜ୍ୟରେ ବିଜେପି ସରକାର ଆସିବା ପରେ ଏବେ ବିଭିନ୍ନ ଦଳରୁ ଅନେକ ନେତା ବିଜେପିରେ ଯୋଗ ଦେଉଛନ୍ତି । ତେଣୁ ବିଜେପି ଡଙ୍ଗା ଭାରି ହୋଇଥିବା ବେଳେ ବିଜେପିକୁ ଯିବାକୁ ଚାହୁଁଥିବା ନେତାମାନେ ପଦ ପଦବୀ ମିଳିବ କି ନାହିଁ ସେ ଆଶଙ୍କାରେ ରହିଛନ୍ତି। ବିଜେଡି କ୍ଷମତାରେ ନାହିଁ, ତେଣୁ କ୍ଷମତାରେ ନଥିବା ଦଳକୁ ଯାଇ କ'ଣ ଲାଭ ମିଳିବ ବୋଲି କିଛି ନେତା ଭାବୁଛନ୍ତି । ସେହିଭଳି କଂଗ୍ରେସ ୨୫ ବର୍ଷ ହେବ କ୍ଷମତାକୁ ଫେରିପାରୁ ନଥିବାରୁ ନେତାମାନେ କଂଗ୍ରେସକୁ ଭରସା କରିପାରୁ ନାହାଁନ୍ତି। ଏହା ଭିତରେ ଯଦି ନୂଆ ଆଞ୍ଚଳିକ ଦଳ ଗଠନ ହୁଏ ତେବେ କୋଣଠେସା ନେତାମାନଙ୍କୁ ଏକାଠି କରି ବିଜେପି, ବିଜେଡି ଓ କଂଗ୍ରେସ ବିରୋଧରେ ଏକ ବିକଳ୍ପ ତିଆରି କରାଯାଇପାରିବ ବୋଲି କିଛି ନେତୃତ୍ୱ ଆଶା କରୁଥାଇ ପାରନ୍ତି ।

# ୨୦୨୬ରେ ପୁରୁଖା ଓ ଯୁବ ନେତାଙ୍କୁ ନେଇ ଗଠନ ହୋଇପାରେ ଆଞ୍ଚଳିକ ଦଳ

**ଭୁବନେଶ୍ୱର (ଭିଓଭି) :** ଶାସନତନ୍ତ୍ରରୁ ବିଜେଡ଼ି କ୍ଷମତାଚ୍ୟୁତ ହେବା ପରେ ଓଡ଼ିଶା ରାଜନୀତି କଡ ଲେଉଟାଇବା ଆରମ୍ଭ କରିଛି। କିଛି ନେତା ବିଜେଡି ଶିବିରରୁ ବିଜେପି କ୍ୟାମ୍ପକୁ ଡିଆଁ ମାରିଛନ୍ତି। ବିଜେଡ଼ିରେ ଭବିଷ୍ୟତ ନଥିବା ଆକଳନ କରି କିଛି ନେତା ବିକଳ୍ପ ସନ୍ଧାନରେ। ଏଭଳି ସ୍ଥିତିରେ ଓଡ଼ିଶା ରାଜନୀତିର ଧୂରନ୍ଧର ବିଜୟ ମହାପାତ୍ରଙ୍କ ବୟାନ ଅନେକ କିଛି ଇସାରା କରୁଛି। ନବୀନଙ୍କ ଜିଲ୍ଲାରୁ ବିଜୟଙ୍କ 'ଓଡ଼ିଶା ରାଜନୀତି ବଡ ପରିବର୍ତ୍ତନ ଦେଖିବ' ବୟାନ ବିକଳ୍ପ ଖୋଜୁଥିବା ନେତାଙ୍କ ମନରେ



ବିଶ୍ୱାସ ଜନ୍ମାଇଛନ୍ତି ବିଜୟ। ୨୦୨୬ରେ ଓଡ଼ିଶା ରାଜନୀତିରେ ବଡ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ପରାଜୟ ପରେ ବିଜେଡି ଶକ୍ତି ହରାଉଥିବା ବେଳେ ନୂଆ ଆଞ୍ଚଳିକ ଦଳ ଗଠନ ଚର୍ଚ୍ଚା ବଳ ଗୋଟାଉଛି। ଏସବୁ ଭିତରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ବୟାନ ରାଜ୍ୟ ରାଜନୀତିରେ ଭୂକମ୍ପନ ସୃଷ୍ଟି କରିଛି ।

ଶାସନତନ୍ତ୍ରରୁ ବିଜେଡ଼ି କ୍ଷମତାଚ୍ୟୁତ ହେବା ପରେ ଓଡ଼ିଶା ରାଜନୀତି କଡ ଲେଉଟାଇବା ଆରମ୍ଭ କରିଛି। କିଛି ନେତା ବିଜେଡି ଶିବିରରୁ ବିଜେପି କ୍ୟାମ୍ପକୁ ଡିଆଁ ମାରିଛନ୍ତି। ବିଜେଡିରେ ଭବିଷ୍ୟତ ନଥିବା ଆକଳନ କରି କିଛି ନେତା ବିକଳ୍ପ ସନ୍ଧାନରେ। ଏଭଳି ସ୍ଥିତିରେ ଓଡ଼ିଶା ରାଜନୀତିର ଧୂରନ୍ଧର ବିଜୟ ମହାପାତ୍ରଙ୍କ ବୟାନ ଅନେକ କିଛି ଇସାରା କରୁଛି। ନବୀନଙ୍କ ଜିଲ୍ଲାରୁ ବିଜୟଙ୍କ 'ଓଡ଼ିଶା ରାଜନୀତି ବଡ ପରିବର୍ତ୍ତନ ଦେଖିବ' ବୟାନ ବିକଳ୍ପ ଖୋଜୁଥିବା ନେତାଙ୍କ ମନରେ ବିଶ୍ୱାସ ଜନ୍ମାଇଛନ୍ତି ବିଜୟ। ଏସବୁ ଭିତରେ ରାଜ୍ୟ ରାଜନୀତିର ଅନେକ ପୁରୁଖା ଓ ଅନୁଭବୀ ନେତାଙ୍କ ଲୁଚାଛପା ବୈଠକ, ନୂଆ ଆଞ୍ଚଳିକ ଦଳ ଗଠନକୁ ବଳ ଦେଉଛି। ନୂଆ ଆଞ୍ଚଳିକ ଦଳ ଗଠନ ଚର୍ଚ୍ଚା ସେତେବେଳେ ବଢ଼ିଛି ଯେତେବେଳେ ରାଜ୍ୟର ଅନେକ ବରିଷ୍ଠ ଓ ଯୁବ ନେତୃତ୍ୱ ନିଜର ରାଜନୈତିକ କ୍ୟାରିୟର ସଜାଡିବାକୁ ନେବାକୁ ଜାତୀୟ ଦଳ ଉପରେ ଭରସା କରିପାରୁ ନାହାନ୍ତି। ବିଜେଡିରୁ ବିଦା ହୋଇଥିବା ଅନେକ ନେତା ମଧ୍ୟ ଏହି ତାଲିକାରେ ସାମିଲ। ବିଜୟ ମହାପାତ୍ର, ସୌମ୍ୟରଞ୍ଜନ ପଟ୍ଟନାୟକ, ମହମ୍ମଦ ମୋକିମ, ପ୍ରଭାତ ତ୍ରିପାଠୀ, ଅମର ଶତପଥୀ, ଖାରବେଳ ସ୍ୱାଇଁ, ଭୂପିନ୍ଦର ସିଂଙ୍କ ଭଳି ଅନେକ ନେତା ମଝିରେ ମଝିରେ ନୂଆ ଆଞ୍ଚଳିକ ଦଳ ଗଠନ ଚର୍ଚ୍ଚାକୁ ବଳ ଦେଉଛନ୍ତି। ଏହାବାଦ୍ ବିଜେଡି ଓ କଂଗ୍ରେସରେ ଅଲୋଡା ଏବଂ ବିଜେପିରେ ଅସନ୍ତୁଷ୍ଟ ଥିବା ନେତା ମଧ୍ୟ ନୂଆ ଆଞ୍ଚଳିକ ଦଳ ଗଠନକୁ ଭିତିରି ସମର୍ଥନ ଦେଉଛନ୍ତି । ଏମିତି ବି ଚର୍ଚ୍ଚା ହେଉଛି, ପଞ୍ଚାୟତ ନିର୍ବାଚନର ଫଳାଫଳକୁ କିଛି ନେତା ଅପେକ୍ଷା କରିଛନ୍ତି। ଏହାପରେ ହୁଏତ ଓଡ଼ିଶା ରାଜନୀତି କଡ ଲେଉଟାଇପାରେ।

## ଖୁବ୍‌ଶୀଘ୍ର ନୂଆ ମନ୍ତ୍ରିମଣ୍ଡଳ !

**ଭୁବନେଶ୍ୱର (ଭିଓଭି) :** କିଛି ଦିନ ଅନ୍ତରରେ ପୁଣି ଫେରିଛି ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳ ବଦଳ ଚର୍ଚ୍ଚା । ନୂଆବର୍ଷରେ ନୂଆ କ୍ୟାବିନେଟ ସହଯୋଗୀଙ୍କୁ ନେଇ ଶାସନ ଚଳାଇବେ ମୋହନ ସରକାର । ଅନେକ ମନ୍ତ୍ରୀଙ୍କ ବିଭାଗ ବଦଳିବ, ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ କିଛି ନବାଗତ, ଆଉ ଅଭିଜ୍ଞ । ଦିଲ୍ଲୀର ସଙ୍କେତ ପରେ ପ୍ରସ୍ତୁତି ଆରମ୍ଭ କଲେଣି ମୋହନ-ମନମୋହନ ଯୋଡ଼ି । ଇସାରା ମିଳିଛି, ସରକାରକୁ କ୍ରିୟାଶୀଳ କରାଅ । ତୁରନ୍ତ ପୂରଣ କର, ଖାଲିପଡ଼ିଥିବା ମନ୍ତ୍ରୀ ପଦ । ଯେଉଁମାନେ ଭଲ ପ୍ରଦର୍ଶନ କରୁନାହାନ୍ତି, ସେମାନଙ୍କୁ ବି ବଦଳା ଯାଇପାରେ । ଦିଲ୍ଲୀରେ ଶୀର୍ଷ ନେତୃତ୍ୱର ଏଭଳି ଅନୁମତି ପାଇ ମନ୍ତ୍ରିମଣ୍ଡଳ ଅଦଳବଦଳ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ଯେ ଏ ସଂକ୍ରାନ୍ତରେ ପ୍ରାରମ୍ଭିକ ଆଲୋଚନା ସରିଛି । ଆଉ ଏଥିସହିତ ପ୍ରସଙ୍ଗଟି ବିଜେପି ରାଜ୍ୟ କାର୍ଯ୍ୟାଳୟ ପାଚେରି ଡେଇଁ ରାସ୍ତାକୁ ଓହ୍ଲାଇଛି । ପ୍ରାରମ୍ଭିକ ସୂଚନା ଅନୁସାରେ, ପୂରଣ ହେବ ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ । ଗୁରୁତ୍ୱପୂର୍ଣ୍ଣ ବିଭାଗ ହାତଛଡ଼ା କରିବେ ଏକାଧିକ ମନ୍ତ୍ରୀ । ବିବାଦରେ ଥିବା ମନ୍ତ୍ରୀଙ୍କ ପଦକୁ ରହିଛି ବିପଦ ଏବଂ ଦକ୍ଷତା ପ୍ରଦର୍ଶନରେ ବିଫଳ ମନ୍ତ୍ରୀଙ୍କ ମୁଣ୍ଡରେ ଝୁଲୁଛି ଖଣ୍ଡା । ସାମିଲ ହେବେ ନିର୍ବିବାଦୀୟ ନବାଗତ, ଅଳ୍ପ ଅଭିଜ୍ଞ । ଏହା ଫେବୃଆରି ପ୍ରଥମ ସପ୍ତାହ ମଧ୍ୟରେ ହୋଇପାରେ । ନିକଟରେ ବିଜେପିର କେନ୍ଦ୍ରୀୟ ନେତା ବିଏଲ ସନ୍ତୋଷ ଓଡ଼ିଶା ସଂଗଠନକୁ ନେଇ ଚିନ୍ତାପ୍ରକଟ କରିଥିଲେ। ମନ୍ତ୍ରିମଣ୍ଡଳ, ନିଗମ ପଦ ଖାଲି ନେଇ ଝାଡ଼ିଥିଲେ ଅସନ୍ତୋଷ । ପଚାରିଥିଲେ କାହିଁକି ପୂରଣ ହୋଇନି ଏସବୁ ପଦ । ଏହା ପରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ଦିଲ୍ଲୀ ଗସ୍ତରେ ଯାଇ ଶୀର୍ଷ ନେତୃତ୍ୱଙ୍କୁ ଭେଟି ଆଲୋଚନା କରିଥିଲେ । ନିଜ ଟିମ ସହଯୋଗୀଙ୍କ ବର୍ଷକର ପ୍ରଦର୍ଶନ କାର୍ଡ ଧରିଛନ୍ତି ମୁଖ୍ୟମନ୍ତ୍ରୀ । ଏବେ ଅଦଳବଦଳ ଚର୍ଚ୍ଚା ପରେ ଅନେକ ମନ୍ତ୍ରୀଙ୍କ ଛାତିରେ ଛନକା ପଶିଛି । କଳଙ୍କ ବୋଳିଥିବା କେତେକ ମନ୍ତ୍ରୀ ପଦ ବଞ୍ଚାଇବାକୁ ଆରମ୍ଭ କରିଛନ୍ତି ଲବି । ହେଲେ ନବାଗତ କିନ୍ତୁ ଖୁସିଥିବା ଜଣାପଡ଼ିଛି।



କାର୍ତ୍ତିକ ଚନ୍ଦ୍ର ପଣ୍ଡା

# ଫିନଲାଣ୍ଡ

## ଦେଶ ବିଦେଶ



ଇଉରୋପୀୟ ୟୁନିୟନର ଏକ ପ୍ରାନ୍ତୀୟ ରାଷ୍ଟ୍ର ଫିନଲାଣ୍ଡର ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସର୍ବୋତ୍ତମ । ମାତ୍ର ୫୬ ଲକ୍ଷ ୪୦ ହଜାର ବିଶିଷ୍ଟ ଲୋକସଂଖ୍ୟା ବିଶିଷ୍ଟ, ଏହି ଦେଶ ଜାପାନ, ଦକ୍ଷିଣକୋରିଆ ଓ ସିଙ୍ଗାପୁରକୁ ପଛରେ ପକାଇ, ବିଗତ କେତେବର୍ଷ ଧରି ମେଧା ତାଲିକାରେ ଶୀର୍ଷରେ ରହି ଆସିଛି । ମିଳିତ ଜାତିସଂଘ ଓ ଅନ୍ୟ କେତେକ ଆନ୍ତର୍ଜାତିକ ତଥ୍ୟ ପ୍ରଦାନକାରୀ ସଂସ୍ଥା ରିପୋର୍ଟରେ ଏହା ଉପଲବ୍ଧ ।

ଏହି ଦେଶ ଶିଶୁମାନଙ୍କର ସର୍ବାଧିକ ଜତ୍ନ ନେଇଥାଏ । ଗର୍ଭବତୀ ମା କୁ ତୁରନ୍ତ ଏକ ସରକାରୀ ଯୋଜନା 'ବେବିବକ୍ସ'ରେ ଅନ୍ତର୍ଭୁକ୍ତ କରାଯାଏ । ବେବିବକ୍ସର ଏକ କାର୍ଟୁନ ମା ମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଏ । ବକ୍ସରେ ଅନାଗତ ଶିଶୁ ଓ ମାର ଆବଶ୍ୟକତା ଅନୁଯାୟୀ ପ୍ରାୟ ୭୫ଟି ଉପହାର ଥାଏ। ଶିଶୁର ସୁରକ୍ଷିତ ପ୍ରସବକୁ ପ୍ରଥମିକତା ଦିଆଯାଏ । ସମସ୍ତ ଖର୍ଚ୍ଚ ସରକାର ବହନ କରନ୍ତି ।

ମା ଗର୍ଭରେ ଥିବା ଦେଶର ଭାବୀ ନାଗରିକକୁ ସରକାର ଗଢ଼ି ତୋଳିବା ପାଇଁ ସରକାରଙ୍କର ପ୍ରଚେଷ୍ଟା ପ୍ରଶଂସନୀୟ । ସରକାରଙ୍କ ପ୍ରତି କୃତଜ୍ଞତା ସ୍ୱରୂପ ମା ତାର ସଦ୍ୟଜାତ ଶିଶୁକୁ ପ୍ରଥମେ ବେବିବକ୍ସରେ ରଖେ । ଫିନଲାଣ୍ଡରେ ଶିଶୁ ମୃତ୍ୟୁହାର ନଗଣ୍ୟ ଅର୍ଥାତ୍ ପ୍ରତି ୧୦୦୦ ରେ ୨ ଜଣ । ଯୁକ୍ତରାଷ୍ଟ୍ରରେ ଏହା ପ୍ରତି ୧୦୦୦ ରେ ୭ । ଆମ ଦେଶରେ ଏହା ଅତ୍ୟନ୍ତ ଉଦବେଗଜନକ । ପ୍ରତି ୧୦୦୦ ରେ ୨୯ ଶିଶୁ କୁପୋଷଣ ଯୋଗୁଁ ,ମାତ୍ର ବର୍ଷକ ଭିତରେ ମୃତ୍ୟୁମୁଖରେ ପଡନ୍ତି ।

ସାତବର୍ଷରୁ ସ୍କୁଲ ଶିକ୍ଷା ଆରମ୍ଭ ହୁଏ । ଅବଶ୍ୟ ୬ ବର୍ଷରୁ ପିଲାମାନେ ନର୍ସେରୀ ସ୍କୁଲରେ ନାମ ଲେଖାନ୍ତି । ନର୍ସେରୀ ସ୍କୁଲ ଯିବା ପୂର୍ବରୁ, ବେବି ସେଣ୍ଟରରେ ପିଲାମାନେ ବହୁତ କିଛି ଶିଖିଥାନ୍ତି । ସମସ୍ତ ବେବି ସେଣ୍ଟର ସରକାରଙ୍କ ଦ୍ୱାରା, ନଗରପାଳିକା ମାଧ୍ୟମରେ ପରିଚାଳିତ ହୋଇଥାଏ ।

କେତେକ ବେସରକାରୀ ସ୍କୁଲ ବି ଅଛି। କିନ୍ତୁ ସେମାନେ ମଧ୍ୟ ସରକାରୀ ନିର୍ଦ୍ଦେଶରେ ପରିଚାଳିତ । ୭ ବର୍ଷ ରୁ ୧୬ ପର୍ଯ୍ୟନ୍ତ ସ୍କୁଲ ଶିକ୍ଷା ସମାପ୍ତ ପରେ ଉଚ୍ଚ ଶିକ୍ଷା/ ବୈଷୟିକ ଶିକ୍ଷା ପାଇଁ ପିଲାମାନେ ୟୁନିଭରସିଟି ଯାଆନ୍ତି । ସ୍କୁଲ ମାନଙ୍କରେ, ମାତ୍ର ୪୫ ମିନିଟର ୪ଟି ପିରିୟଡ଼ ପାଠପଢା ହୁଏ । ପ୍ରତି ପିରିଅଡ ପରେ ୧୫ ମିନିଟ ବିରତି ଥାଏ । ବିରତି ସମୟରେ ପିଲାମାନେ ନିଜ ପସନ୍ଦ ଅନୁଯାୟୀ ଚକଲେଟ୍, ଆଇସକ୍ରିମ ବା ଫଳ ଖାଇଥାନ୍ତି। ଚେରୀକୋଳି ଓ ଆପଲ ପିଲାଙ୍କର ପ୍ରଥମ ପସନ୍ଦ ।

ସ୍ୱାଦିଷ୍ଟ ମଧ୍ୟାନଭୋଜନ ସ୍କୁଲ ତରଫରୁ ପରସା ଯାଏ । ଫିନଲାଣ୍ଡର ସ୍କୁଲ ଓ କ୍ଲାସରୁମ ଗୁଡିକ ଅତ୍ୟାଧୁନିକ ସ୍ଥାପତ୍ୟ କଳାରେ ପରିପୂର୍ଣ୍ଣ । ପ୍ରତ୍ୟେକ କ୍ଲାସରେ ଛାତ୍ର ସଂଖ୍ୟା ୨୦ ରୁ ଅଧିକ ନୁହେଁ । ସମସ୍ତ ଛାତ୍ରଙ୍କର ବୌଦ୍ଧିକ ବିକାଶ ଏକାପରି ହେଉ, ଶିକ୍ଷକଙ୍କ ଉପରେ ଏହି ଗୁରୁ ଦାୟିତ୍ୱ ନ୍ୟସ୍ତ ଥାଏ । କୋଣସି ଗୋଟିଏ ପିଲା ମଧ୍ୟ ଯେପରି ପଛେଇ ନଯାଏ, ଶିକ୍ଷକ ଜତ୍ନବାନ ହୁଅନ୍ନତି । ସ୍କୁଲ ସମୟ ପରେବି ଛାତ୍ରଛାତ୍ରୀ ମାନେ, ଶିକ୍ଷକଙ୍କର ସମ୍ପର୍କରେ ରହନ୍ତି ।

ଏହି ଦେଶରେ ଶିକ୍ଷକମାନଙ୍କୁ ସର୍ବାଧିକ ସମ୍ମାନ ଦିଆଯାଏ । ଏହାର ନାଗରିକମାନେ ତାଙ୍କ ସନ୍ତାନକୁ ଏକ ଶିକ୍ଷକ ରୂପେ ଦେଖିବାକୁ ଚାହାନ୍ତି । ଆମ ପ୍ରଶାସନିକ ସେବା ଭଳି ସେଠାରେ ଶିକ୍ଷକ ପଦବି ପାଇଁ ତୀବ୍ର ପ୍ରତିଦ୍ୱନ୍ଦିତା ହୁଏ । ସେଥିରୁ ଉଚ୍ଚ ମେଧା ସମ୍ପର୍ଣ୍ଣ ଖୁବ୍ ସିମୀତ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରାଯାଏ । ଭାରତୀୟ ମୁଦ୍ରାରେ ଜନୈକ ଫିନ୍ସ ପ୍ରାଇମେରୀ ସ୍କୁଲ ଶିକ୍ଷକଙ୍କର ଦରମା ଦେଢଲକ୍ଷ ଟଙ୍କା । ସେ ଦେଶର ନୂତନ ପିଢ଼ିକୁ ଠିକଭାବେ ଗଢିବା ପାଇଁ, ଶିକ୍ଷକମାନେ ଶପଥପାଠ କରିଥାନ୍ତି । ଆମଦେଶ ଭଳି ସେଠାରେ ଶିକ୍ଷକମାନଙ୍କୁ ଜନଗଣନା, ଭୋଟରଗଣନା, ମଧ୍ୟାହ୍ନ ଭୋଜନର ପରିଚାଳନା କାର୍ଯ୍ୟରେ ନିୟୋଜିତ କରାଯାଏ ନାହିଁ । ସ୍କୁଲ ପରିସରକୁ ଶିକ୍ଷକ ଓ ଛାତ୍ରଛାତ୍ରୀ ମିଶି ପରିଷ୍କାର କରନ୍ତି ।



ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ କୌଣସି ପରୀକ୍ଷା ନଥାଏ । ଶିକ୍ଷକ ବ୍ୟକ୍ତିଗତ ଭାବେ ପିଲାମାନଙ୍କୁ ଗ୍ରେଡ ଦେଇଥାନ୍ତି । ଗଣିତ, ବିଜ୍ଞାନ ଓ ସାଧାରଣଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଏ । ନିଜ ମାତୃଭାଷା ବ୍ୟତୀତ ଆଉ ଦୁଇଟି ଭାଷା ସ୍କୁଲରେ ଶିଖାଯିବା ବାଧ୍ୟତାମୂଳକ। ନୃତ୍ୟ, ସଂଗୀତ, ସ୍ଥାପତ୍ୟ କଳା, କୃଷି ଓ ଅନ୍ୟ ଧନ୍ଦାମୂଳକ ଶିକ୍ଷାରେ ରୁଚି ଓ ସାମର୍ଥ୍ୟ ରଖୁଥିବା ପିଲାମାନଙ୍କୁ, ଶିକ୍ଷକ ଚିହ୍ନଟ କରନ୍ତି ଓ ସେ ଦିଗରେ ପ୍ରୋତ୍ସାହିତ କରନ୍ତି ।

ଫିନଲାଣ୍ଡର ଶିକ୍ଷା ବଜେଟ ସର୍ବାଧିକ। ପ୍ରତି ନାଗରିକ ପିଛା ଖର୍ଚ୍ଚ କରିବାରେ ଏହା ବିଶ୍ୱରେ ସମସ୍ତଙ୍କ ଆଗରେ । ସମ୍ପ୍ରତି ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ସେ ଦେଶର ସରକାର ଶିକ୍ଷା ବଜେଟ କମ କରିବାକୁ ଚିନ୍ତା କରୁଛନ୍ତି କିନ୍ତୁ ସେ ଦେଶର ଶିକ୍ଷକମାନେ ଏହାକୁ ବିରୋଧ କରୁଛନ୍ତି ।

ସ୍କୁଲ ସମୟ ବ୍ୟତୀତ ଅନ୍ୟ ସମୟରେ ପିଲାମାନଙ୍କ ଉପରେ ପିତାମାତାଙ୍କର କଡା ନଜର ଥାଏ । ସ୍କୁଲ ପରେ ପିଲା କଣ କରୁଛି, କେଉଁଠିକୁ ଯାଉଛି, ଏପରିକି ଖାଦ୍ୟ ଠିକ୍ ଭାବରେ ଖାଉଛି କି ନାହିଁ ଲକ୍ଷ୍ୟ କରନ୍ତି। ମା ଅପେକ୍ଷା ବାପାମାନେ, ପିଲାମାନଙ୍କ ସହ ଅଧିକ ସମୟ କଟାନ୍ତି ।

ଫିନଲାଣ୍ଡବାସୀମାନେ ଅତ୍ୟନ୍ତ ଭଦ୍ର, ନମ୍ର, ବିଶ୍ୱସ୍ତ ଓ ଦେଶଭକ୍ତ । ଏହିଦେଶର ସଫଳ ଶିକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ପାଇଁ ପୃଥିବୀର କୋଣ ଅନୁକୋଣରୁ ଲୋକେ ଏହି କ୍ଷୁଦ୍ରଦେଶକୁ ଛୁଟି ଆସନ୍ତି । ଦୁର୍ନୀତି ଓ ଭ୍ରଷ୍ଟାଚାର କଣ ,ଏହି ବିକଶିତ ଦେଶର ଲୋକମାନେ ଜାଣନ୍ତି ନାହିଁ। ଏହ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାର ସୁଫଳ କହିଲେ ଅତ୍ୟୁକ୍ତି ହେବନାହିଁ ।

ଆସନ୍ତୁ ଜାଣିବା ଫିନଲ୍ୟାଣ୍ଡ ଦେଶ ବିଷୟରେ ସବିଶେଷ ତଥ୍ୟ ।

ଫିନଲ୍ୟାଣ୍ଡ ଉତ୍ତର ୟୁରୋପର ଏକ କ୍ଷୁଦ୍ର ଅଥଚ ସମୃଦ୍ଧ ରାଷ୍ଟ୍ର । ଏହାର କ୍ଷେତ୍ରଫଳ ୩୩୮୪୨୪ ବର୍ଗ କିଲୋମିଟର । ଲୋକ ସଂଖ୍ୟା ପ୍ରାୟ ୫୬ ଲକ୍ଷ ,୪୦ ହଜାର। ଏହାର ଉତ୍ତରକୁ ନରୱେ, ପୂର୍ବରେ ରଷିଆ ଓ ଉତ୍ତର ପୂର୍ବ ସୀମାରେ ସ୍ୱିଡେନ ଦେଶ ଅବସ୍ଥିତ । ଏହି ଦେଶଟି ଆମର ରାଜସ୍ଥାନ ରାଜ୍ୟଠାରୁ ବି ଆୟତନରେ ଛୋଟ । ହେଲସିଙ୍କି ଫିନଲ୍ୟାଣ୍ଡର ରାଜଧାନୀ।

କ୍ରମାଗତ ୭୩ ଦିନ ଧରି ରାତ୍ରିରେ ସୂର୍ଯ୍ୟ ଦୃଶ୍ୟମାନ ହେବା ଏହିଦେଶର ବିଶେଷତ୍ୱ । ୧୮୮୦୦୦ ଟି ନିର୍ମଳ ହ୍ରଦର ପରିସୀମା ମୂଳ ଭୂଭାଗର ୩୦ ପ୍ରତିଶତ ଅଟେ। ଦେଶର ଆୟତନର ୭୦ ଭାଗ ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ।

ଏହି ଦେଶ ୦୬-୧୨-୧୯୧୭ ରେ ଫିନଲ୍ୟାଣ୍ଡ ନିଜର ସ୍ୱାଧୀନତା ଘୋଷଣା କରିଥିଲେ ହେଁ ୩୧-୧୨ ୧୯୧୭ ରେ ରଷିଆ ସ୍ୱୀକୃତି ଦେଇଥିଲା । । ଏହା ପୂର୍ବରୁ ସୁଇଡେନର ଏକ ଅଂଶ ବିଶେଷ ଥିଲା।

ଜନସଂଖ୍ୟା ଘନତ୍ୱ ଦୃଷ୍ଟିରୁ ଏହି ଦେଶ ୟୁରୋପର ସବୁ ଦେଶଠାରୁ ପଛରେ । ଏକ ବର୍ଗ କିଲୋମିଟର ଅଞ୍ଚଳରେ ମାତ୍ର ୧୬ ଜଣ ଲୋକ ବାସକରନ୍ତି। ଏହା ୟୁରୋପର ଏକମାତ୍ର ଦେଶ ଯେଉଁଠି ସମସ୍ତ ନାଗରିକଙ୍କ ବାସଗୃହ ଥାଏ। ଏହି ଦେଶର ମୁଦ୍ରା ୟୁରୋ ଓ ଭାଷା ଫିନିଶ୍ । ମାତ୍ର ୧୨ ପ୍ରତିଶତ ଲୋକେ ସ୍ୱଦିଶ୍ ଭାଷା କହନ୍ତି । ଏହାର ନୋମିନାଲ ଜିଡିପି ଅତ୍ୟନ୍ତ ଶକ୍ତିଶାଳୀ ୩୦୩ ବିଲିଅନ ଡ଼ଲାର ଯାହାକି ବିଶ୍ୱ ରେ ୪୨ ତମ ସ୍ଥାନ ରଖେ । ମୁଣ୍ଡପିଛା ଜିଡିପି ୫୪୧୭୪ ଡ଼ଲାର । ଏହା ବିଦେଶକୁ ଇଲୋକ୍ଟ୍ରନିକ୍ସ, ଜଙ୍ଗଲଜାତ ପଦାର୍ଥ, ମେସିନାରୀ, ଡାକ୍ତରୀ ଉପକରଣ, କେମିକାଲ୍ସ ଆଦି ରପ୍ତାନୀ କରେ । ଏହା ବିଦେଶରୁ ଶୋଧିତ/ଅଶୋଧିତ ତୈଳ, କାର, ଗାଡ଼ି ଯନ୍ତାଂଶ ଓ ଖାଦ୍ୟ ଶସ୍ୟ ଆମଦାନୀ କରିଥାଏ । ଏହି ଦେଶର ବେରୋଜଗାରୀଙ୍କ ସଂଖ୍ୟା ମାତ୍ର ସାତ ପ୍ରତିଶତ। ୧୮ ବର୍ଷ ରୁ ୬୫ ବର୍ଷ ପର୍ଯ୍ୟନ୍ତ ଚାକିରି ଖୋଜୁଥିବା ଲୋକଙ୍କୁ ସରକାର ଦୈନିକ(ସପ୍ତାହରେ ୫ଦିନ) ୩୭.୨୧ ୟୁରୋ ( ମାସିକ ପ୍ରାୟ ୮୫ ହଜାର ଟଙ୍କା ଭାରତୀୟ ମୁଦ୍ରା ) ଭତ୍ତା ଆକାରରେ ପ୍ରଦାନ କରିଥାନ୍ତି । ସରକାରଙ୍କ ପ୍ରଦତ୍ତ ଭତ୍ତା ପରିମାଣ ଆକର୍ଷଣୀୟ ହୋଇ ଥିବାରୁ, ଛୋଟମୋଟ କାମ କରିବାକୁ କେହି ପସନ୍ଦ କରନ୍ତି ନାହିଁ ।

ଏହି ଦେଶରେ ପ୍ରତି ବର୍ଷ ୭ କିଲୋମିଟର ନୂଆ ସ୍ଥଳଭାଗ ସୃଷ୍ଟି ହୋଇଥାଏ । ତୁଷାରଛନ୍ନ ପର୍ବତମାଳାର ଗୁରୁତ୍ୱ ଦୃଷ୍ଟିରୁ ସମୁଦ୍ରରେ ଚାପ ସୃଷ୍ଟି ହୋଇ, ସମୁଦ୍ରରୁ ନୂଆ ସ୍ଥଳଭାଗ ସୃଷ୍ଟି ହୁଏ ।

ନଭେମ୍ବର ଶେଷରୁ ଜାନୁଆରୀ ମାସ ମଧ୍ୟଭାଗ ପର୍ଯ୍ୟନ୍ତ ପ୍ରାୟ ୫୦ ଦିନ ସୂର୍ଯ୍ୟ ଆଦୌ ଉଦୟ ହୁଅନ୍ତି ନାହିଁ । ସେହିପରି ମେ ଜୁନ ମାସରେ ସୂର୍ଯ୍ୟ ଅନେକ ଦିନ ଧରି ଦିଗବଳୟ ଉପରେ ରୁହନ୍ତି ।

୧୯୦୮ ମସିହା ପରଠାରୁ କ୍ରମାଗତ ଭାବେ ଅଲମ୍ପିକ ପଦକ ଜିତିବା ରେକର୍ଡ ଫିନଲ୍ୟାଣ୍ଡରେ ରହିଛି । ଏମାନେ ଖେଳରେ ହାରଜିତକୁ ସମାନ ଢ଼ଙ୍ଗରେ ନିଅନ୍ତି । ଖେଳରେ ହାରି ମଧ୍ୟ ସେମାନେ ଖୁସି ମନାଇଥାନ୍ତି । ମୋବାଇଲ ଫିଙ୍ଗା ଖେଳ ମଧ୍ୟ ସେଠାରେ ବେଶ ଲୋକପ୍ରିୟ । ଫିନଲ୍ୟାଣ୍ଡର ପ୍ରସିଦ୍ଧ ନୋକିଆ କମ୍ପାନୀ ୧୯୯୦ ମସିହାରୁ ୨୦୦୦ ଭିତରେ ପୃଥିବୀର ସବୁଦେଶଠାରୁ ଅଧିକ ମୋବାଇଲ ତିଆରି କରିଥିଲା ।

ଫିନିଶମାନେ ଅତ୍ୟନ୍ତ ଭଦ୍ର, ସଚ୍ଚୋଟ ଆମାୟିକ ଓ ପରୋପକାରୀ ।ଏକଦା ଜନ ସାଧାରଣଙ୍କ ସଚ୍ଚୋଟତା ପ୍ରମାଣପାଇଁ ସରକାରଙ୍କ ତରଫରୁ ଟଙ୍କା ଓ ଗହଣା ଭର୍ତ୍ତି ଏକ ବ୍ୟାଗ ସହରର ପ୍ରମୁଖ ସ୍ଥାନ ମାନଙ୍କରେ ରଖାଯାଇ, ସିସିଟିଭି କ୍ୟାମେରା ମାଧ୍ୟମରେ ପରୀକ୍ଷା କରା ଯାଇଥିଲା । ତେୟାନବେ ପ୍ରତିଶତ ଲୋକେ ଏହାକୁ ପାଇ ତତ୍କାଳ ପୋଲିସକୁ ଫେରାଇଥିଲେ । ଆଉ ୭ ପ୍ରତିଶତ କାର୍ଯ୍ୟ ବ୍ୟସ୍ତତାଯୋଗୁଁ ତାପର ଦିନ ଫେରାଇଥିଲେ । ସ୍ତ୍ରୀକୁ କାନ୍ଧରେ ବୋହି ଦୌଡ଼ିବା ପରି ଏକ ବିଶ୍ୱସ୍ତରୀୟ ଖେଳ ଫିନଲ୍ୟାଣ୍ଡରେ ଅନୁଷ୍ଠିତ ହୁଏ । ବିଜେତାଙ୍କୁ ତାଙ୍କ ସ୍ତ୍ରୀଙ୍କ ଓଜନର ମଦ ପୁରସ୍କାର ସ୍ୱରୂପ ଦିଆଯାଏ । ଅନ୍ୟ ଏକ କ୍ରୀଡାରେ ପରିବାରର ସବୁଠାରୁ ବେଶୀ ସମୟ ଶୋଇଥିବା ସଦସ୍ୟକୁ ଅନ୍ୟମାନେ ବୋହିନେଇ ପାଣିରେ ଫୋପାଡ଼ି ନିଦ୍ରା ଭଙ୍ଗ କରାଇଥାନ୍ତି । ସରକାରୀ ସ୍ତରରେ ଜୁଆଖେଳ ସୁଶୃଙ୍ଖଳିତ । ଏଥିରୁ ଆୟ ହେଉଥିବା ସମସ୍ତ ରାଶି, ଚ୍ୟାରିଟିକୁ ଯାଏ । ଫିନଲ୍ୟାଣ୍ଡବାସୀ କଫିପ୍ରିୟ । କଫିସେବନ ଦ୍ୱାରା ମାନସିକ ଓ ସ୍ମରଣ ଶକ୍ତିର ବିକାଶ ଘଟିଥାଏ ବୋଲି ଫିନ୍ସ ମାନେ ବିଶ୍ୱାସ କରନ୍ତି । ଦୁଗ୍ଧ ଉତ୍ପାଦନରେ ମଧ୍ୟ ଆଗୁଆ। ପୃଥିବୀର ଅନ୍ୟାନ୍ୟ ଦେଶଠାରୁ ଫିନଲ୍ୟାଣ୍ଡ ବାସୀ ଅଧିକ ଦୁଗ୍ଧ ସେବନ କରିଥାନ୍ତି । ଦୁଧିଆଳୀ ଗାଈର ସର୍ବାଧିକ ଯତ୍ନ ନିଆଯାଏ ।

ଟ୍ରାଫିକ ନିୟମ ଉଲଘଂନ କଲେ, ବ୍ୟକ୍ତିର ରୋଜଗାରକୁ ଦେଖି ଜୋରିମାନା ସ୍ଥିର କରାଯାଏ । ଫିନଲ୍ୟାଣ୍ଡ ଜେଲଗୁଡ଼ିକ ଆମ ଦେଶର ତାରକା ହୋଟେଲ ସହିତ ତୁଳନୀୟ । ଜେଲଦଣ୍ଡ ଭୋଗୁଥିବା ବ୍ୟକ୍ତି ଚାହିଁଲେ ନିଜକୁ ସମାଜ କଲ୍ୟାଣ କାମ, ବ୍ୟବସାୟ,ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରିପାରିବେ କିନ୍ତୁ ସନ୍ଧ୍ୟା ସୁଦ୍ଧା ତାଙ୍କୁ ଜେଲକୁ ଫେରିବାକୁ ହେବ । କରୋନା ମହାମାରୀରେ ୧ ଲକ୍ଷ ୨୯ ହଜାର ବ୍ୟକ୍ତି ସଂକ୍ରମିତ ହୋଇଥିଲେ ମଧ୍ୟ ମାତ୍ର ୧୦୩୧ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା।

*ମୋବାଇଲ୍ - ୭୯୭୮୪୨୦୪୯୩*

# ସଂପାଦକୀୟ

## ବକ୍ର ଦେଉଳ ଓ ଲଡୁଖିଆ ମାଛ

କିଛିଦିନ ତଳେ ସମ୍ବଲପୁର ବୁଲାବୁଲି ବେଳର ଆଉଏକ ଅଭୁଲା ଅନୁଭୂତିକୁ ନେଇ ଆଜିର ଏ ଲେଖା। ସମ୍ବଲପୁର ଠାରୁ ସୋନପୁର ରାସ୍ତାରେ ପ୍ରାୟ ୨୩କିମି ଗଲେ ପଡ଼ିଥାଏ ହୁମା ବୋଲି ଏକ ସ୍ଥାନ। ଗାଆଁର ଶେଷ ମୁଣ୍ଡରେ ମହାନଦୀ କୂଳରେ ଅବସ୍ଥିତ ପୁରାତନ ଓ ପ୍ରସିଦ୍ଧ ଶୈବପୀଠକୁ ବିମଳେଶ୍ୱର ଦେଉଳ ବା ବକ୍ର ଦେଉଳ ବୋଲି ଲୋକେ କହିଥାନ୍ତି। ମନ୍ଦିରର ଗଠନ ଶୈଳୀ ବଙ୍କା ଅର୍ଥାତ୍ ଏହା ଭୂପୃଷ୍ଠ ଆଡ଼କୁ ଢ଼ଳି ରହିଥିବାରୁ ଏହାକୁ ବକ୍ର ଦେଉଳ ବୋଲି ସମ୍ଭବତଃ ନାମକରଣ କରାଯାଇଛି। ଏଠାରେ ଅବସ୍ଥିତ ଶିବଲିଙ୍ଗ ପାତାଳୀ ଓ ସ୍ୱୟଂ ଭୂଗର୍ଭରୁ ଆତ୍ମ ପ୍ରକାଶ କରିଛନ୍ତି। କିମ୍ବଦନ୍ତୀ ଅନୁସାରେ, ଏହି ଶିବଲିଙ୍ଗ ଉପରେ ଗୋଟିଏ ଗାଈର କ୍ଷୀର ଆପେ ପଡୁଥିବାର ଦେଖି ଲୋକେ ଏଠାରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ମନ୍ଦିରର ନିର୍ମାତା ଓ ନିର୍ମାଣ କାଳ ସମ୍ପର୍କରେ ଅନେକ ବିବାଦ ରହିଛି। ଜନୈକ ବ୍ରିଟିଶ୍ ସେଟଲମେଣ୍ଟ ଅଫିସର ଏକ ବନ୍ଦୋବସ୍ତ ଆଦେଶନାମା ଅନୁସାରେ ସମ୍ବଲପୁରର ପ୍ରଥମ ରାଜା ବଳରାମ ଦେବ ହୁମା ଗ୍ରାମଠାରେ ଏହି ମନ୍ଦିର ନିର୍ମାଣ ନିମନ୍ତେ ୬ଖଣ୍ଡ ମୌଜା ପ୍ରଦାନ କରିଥିଲେ। କିଛି ଐତିହାସିକ ମନ୍ଦିରକୁ ସମ୍ବଲପୁରର ପ୍ରଥମ ରାଜା ବଳରାମ ଦେବ କିମ୍ବା ତାଙ୍କର କୌଣସି ନିକଟ ସମ୍ପର୍କୀୟମାନେ ୧୫୪୫ରୁ ୧୫୬୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିର୍ମାଣ କରେଇଥିବାର ଯୁକ୍ତି ଉପସ୍ଥାପନା







### ସମ୍ବଲପୁର ବୁଲାବୁଲି

କରିଥାନ୍ତି । ମୁଖ୍ୟ ମନ୍ଦିର ବିମଳେଶ୍ୱର ପଶ୍ଚିମ ଦିଗକୁ ୪୭ ଡିଗ୍ରୀ କୋଣରେ ସ୍ପଷ୍ଟ ଢଳିକରି ଅଛି । ଏହି ବକ୍ରତାର କାରଣ ରହସ୍ୟାବୃତ୍ତ ଏବଂ ବିବାଦ ବଳୟରେ । କେତେକଙ୍କ ମତରେ ବର୍ଷାଦିନେ ମହାନଦୀର ବନ୍ୟା ସମୟରେ ପ୍ରବାହିତ ପ୍ରବଳ ସ୍ରୋତର ଆଘାତରୁ ରକ୍ଷାକରିବା ପାଇଁ ମନ୍ଦିରକୁ ନିର୍ମାଣ କାଳରୁ ହିଁ ଜାଣିଶୁଣି ବକ୍ରକରି ଗଢାଯାଇଛି। ଆଉ କେତେକଙ୍କ ମତରେ ମନ୍ଦିର ନିର୍ମାଣ ସମୟରେ ସିଧା ଥିଲା। ସମୟକ୍ରମେ ମହାନଦୀର ପ୍ରବଳ ସ୍ରୋତରେ ମନ୍ଦିର ନଦୀପାର୍ଶ୍ୱସ୍ଥ ଭିତ୍ତିଭୂମି ଦବିଯାଇ ମନ୍ଦିରର ବକ୍ରତା ସୃଷ୍ଟି ହେଲା। ଦେଉଳ ପଛପଟେ ପାହାଚ ଅତିକ୍ରମ କରି ତଳକୁ ଯିବା ବେଳକୁ ଏକ ଲେଖା ଉପରେ ନଜର ପଡିଲା, ଯେଉଁଥିରେ ସ୍ପଷ୍ଟ ଭାବରେ ଲେଖା ଯାଇଥିଲା- “ମାଛମାନଙ୍କୁ କେବଳ ଲଡୁ ଖାଇବାକୁ ଦିଅନ୍ତୁ, ବାହାର ଖାଦ୍ୟ ଦେବା ମନା।” ବ୍ୟାନରଟିକୁ ଦେଖି ମନରେ ଉତ୍କଣ୍ଠା ବଢିଲା । ଇଏ କି ପ୍ରକାର ମାଛ ଯିଏ କେବଳ ଲଡୁ ଖାଇବେ, ବାହାର ଖାଦ୍ୟ ଖାଇବେ ନାହିଁ। ମାଛ ପୁଣି ଆସିଲେ କେଉଁଠୁ! ସମ୍ଭବତଃ କେହି ବ୍ୟବସାୟୀ ନିଜ ଲଡୁ ବ୍ୟବସାୟକୁ ଆଖି ଆଗରେ ରଖି ବ୍ୟାନରଟି ଲଗାଇଛନ୍ତି ବୋଲି ମୁଁ ଭାବିନେଲି। ଉତ୍କଣ୍ଠାର ସହ ତଳକୁ ଯାଇ ଦେଖିଲି ମହାନଦୀରେ ଖେଳୁଛନ୍ତି ଏକ ଭିନ୍ନ ପ୍ରଜାତିର ଈଷତ୍ ଲାଲ ରଙ୍ଗର ଅଗଣିତ ମାଛ। ସେଠାକୁ ଯାଇଥିବା ପର୍ଯ୍ୟଟକମାନଙ୍କ ହାତରୁ ନିର୍ଭୟରେ ଲଡୁ ବି ଖାଉଛନ୍ତି। ଆମେ ବି ଦୁଇଟି ୨୦ଟଙ୍କିଆ ଲଡୁ ଠୁଙ୍ଗା ନେଇ ମାଛମାନଙ୍କୁ ଖାଇବାକୁ ଦେଇଥିଲୁ। ସ୍ଥାନୀୟ ଲୋକମାନଙ୍କ ଠାରୁ ଏହି ମାଛମାନେ କେଉଁ ପ୍ରଜାତିର ଓ ସେମାନେ କେବେଠାରୁ ଏହି ସ୍ଥାନରେ ବାସ କରିଆସୁଛନ୍ତି ବୁଝିବାକୁ ଚାହିଁ ଜାଣିବାକୁ ପାଇଥିଲି ଯେ ତା’ର କୈଣସି ସଠିକ ତଥ୍ୟ କି ପ୍ରମାଣ ଏ ପର୍ଯ୍ୟନ୍ତ ମିଳିନାହିଁ। ଲୋକକଥା ଅନୁଯାୟୀ, ଏଠାରେ ଭଗବାନ ବିଷ୍ଣୁ ମୀନ ଅବତାରରେ ଅଛନ୍ତି ବୋଲି ବିଶ୍ୱାସ କରାଯାଏ। ଥରେ ଜଣେ ବୃଦ୍ଧ ଏହି ସ୍ଥାନର ଗୋଟିଏ ମାଛକୁ ପନିକିରେ କାଟିବା ଉଦ୍ୟମ କରିବାରୁ ନିଜେ ପଥର ପାଲଟି ଯାଇଥିବାର ପ୍ରବାଦ ମଧ୍ୟ ଅଛି। ଦେଉଳ ନିକଟରୁ ଅଳ୍ପ ପଇସା ଦେଇ ଡଙ୍ଗାରେ ଯାଇ ମହାନଦୀ ଭିତରେ ଏକ ଟାପୁରେ ଥିବା ଶ୍ୟାମାକାଳୀଙ୍କ ପୀଠ ମଧ୍ୟ ଦେଖିବାର ସୁଯୋଗ ମିଳିଲା। ମୋଟାମୋଟି ଭାବେ ସମ୍ବଲପୁର ଗଲେ ମାତ୍ର ୨୩କିମି ଦୂରରେ ଥିବା ବକ୍ର ମନ୍ଦିର ଏବଂ ସ୍ୱତନ୍ତ୍ର ଲଡୁ ଖିଆ ମାଛ ଦେଖିବାର ସୁଯୋଗ ହାତ ଛଡା କରିବା ଉଚିତ୍ ନୁହେଁ।

କୈଳାଶ ଚନ୍ଦ୍ର ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ମାଆ ସୀତାଙ୍କ ଭାଇ

## ମାମା ପ୍ରୟାଗ ଦାସଙ୍କ କଥା (୨)

**ଅର୍ଜୁନୀ ଚରଣ ବେହେରା**

କିଛି ଦିନ ପରେ, ସେ ଯାଇ ଶ୍ରୀରାମ ନଗରୀରେ ପହଞ୍ଚି ଗଲା। ଚାରିଆଡ଼େ ଦେଖିଲା ଖାଲି ଭଜନ କୀର୍ତ୍ତନ ଚାଲିଛି। ଏତେବଡ଼ ସ୍ଥାନ ଏଠି କେଉଁଠି ସେ ତା’ ଭଉଣୀକୁ ଖୋଜିବ। ସାଧୁ ସନ୍ଥ ମାନଙ୍କୁ ପଚାରିଲା ତୁମେ ମୋ ଭଉଣୀ ସୀତା ଓ ଭିଣେଇ ରାମଙ୍କ ଘର କେଉଁଠି କହିଦିଅ । ଲୋକ ମାନଙ୍କୁ ମଧ୍ୟ ପଚାରିଲା। କେଉଁ ଆଡୁ ପାଗଳଟିଏ ଆସିଛି ଭାବି ଲୋକମାନେ ତାକୁ ବିଭିନ୍ନ ମନ୍ଦିର ଦେଖାଇ କହନ୍ତି, ସେଇଠିକି ଯାଆ ତୋ ଭଉଣୀ ଭିଣୋଇ ଅଛନ୍ତି ଦେଖା କରିବୁ ଯା । ଲୋକମାନଙ୍କ କଥା ଅନୁସାରେ ପ୍ରୟାଗ ସବୁ ମନ୍ଦିରକୁ ଯାଇ ଦେଖେ ଦିବ୍ୟ ସିଂହାସନରେ ବସି ପୂଜା ପାଉଛନ୍ତି, ରାମ ସୀତାଙ୍କ ବିଗ୍ରହ। ଏ ସବୁ ଦେଖି ପ୍ରୟାଗ ଦତ୍ତର ମନ କିନ୍ତୁ ବୁଝିଲା ନାହିଁ। ନିରାଶହୋଇ ସେ ଯାଇ ଏକ ଆମ୍ବ ତୋଟାରେ ବସିଲା । ମନରେ ପ୍ରବଳ ଉତ୍କଣ୍ଠା ଭଉଣୀ ଭିଣୋଇଙ୍କୁ ଦେଖିବାକୁ ।

ତାର ଏପରି ଉତ୍କଣ୍ଠାକୁ ଅନ୍ତର୍ଯ୍ୟାମୀ ପ୍ରଭୁ ଶ୍ରୀରାମ ଓ ମାତା ଜାନକୀ ଆଉ ଅଣହେଳା କରିପାରିଲେ ନାହିଁ । କିଛି ସମୟପରେ ପ୍ରୟାଗ ଦେଖିଲା ଏକ ଧଳା ହାତୀ ଉପରେ ବସି ତା ଆଡ଼କୁ ଏକ ଦିବ୍ୟ ଦମ୍ପତ୍ତି ଆସୁଛନ୍ତି। ହାତୀଟି ଆସି ତା’ ନିକଟରେ ରହିଲା। ହାତୀଉପରୁ ନାରୀ ଜଣକ ଓହ୍ଲାଇ ପଡ଼ି ପ୍ରୟାଗର ହାତ ଧରିପକାଇ କହିଲେ, ଆରେ ମୋ ଭାଇ ପ୍ରୟାଗ ତୁ କେତେ ମୋତେ ଖୋଜିଲୁଣିରେ। ତୋ କଷ୍ଟ ଦେଖି, ମୁଁ ଆଉ ସହି ପାରିଲି ନାହିଁ। ମୁଁ ହେଉଛି, ତୋର ସେହି ଭଉଣୀ । ତୋ’ ଭିଣୋଇ ହାତୀରେ ବସିଛନ୍ତି ତାଙ୍କୁ ପ୍ରଣାମ କର। ମାଆ କଅଣ ଦେଇଛନ୍ତି ଆଣିଲୁ ଖାଇବା। ଯତ୍ନରେ ରଖି ଥିବା ଆରିସା ପିଠାକୁ ପ୍ରୟାଗ ଗାମୁଛାରୁ ବାହାର କରି ବଢ଼ାଇ ଦେଲା। ଅତି ଖୁସିରେ ମାଆ ସୀତା ଆରିସା ପିଠାକୁ ପ୍ରଭୁ ଶ୍ରୀରାମଙ୍କ ଆଡ଼କୁ ବଢ଼ାଇ ଦେଇ, ନିଜେ ଖାଇଲେ ଏବଂ ପ୍ରୟାଗକୁ ଖୁଆଇ ଦେଲେ । ପ୍ରୟାଗର ଆଖିରୁ ଧାର ଧାର ଲୋତକ ବହି ଯାଉଥାଏ। ମାଆ ଲୁଗା କାନିରେ ଲୋତକ ପୋଛି ଦେଇ କହିଲେ, ତୁ କାନ୍ଦନାରେ ପ୍ରୟାଗ। ଏବେ ତୁ ଯାଆ। ଆମର କାମ ଅଛି ଯାଉଛୁ। ତୁ ଯେତେବେଳେ ଚାହିଁବୁ ଆମେ ଆସି ନିଶ୍ଚୟ ତୋ ପାଖରେ ପହଞ୍ଚି ଯିବୁ। ତୋର କୌଣସି ଅସୁବିଧା ହେଲେ ଆମକୁ କହିବୁ। ଏପରି କହି ରାମ ସୀତା ପ୍ରୟାଗର ମୁଣ୍ଡ ଉପରେ ହାତରଖି ହାତୀ ପୃଷ୍ଠରେ ବସି ସେଠାରୁ ଚାଲିଗଲେ।



ପ୍ରଭୁ ଓ ଜଗତ ଜନନୀଙ୍କ କରସ୍ପର୍ଶ ପାଇ ଯୁବକ ପ୍ରୟାଗ ଭାବସମୁଦ୍ରରେ ବୁଡ଼ିଗଲା। ସେ ସମାଧିସ୍ଥ ହୋଇ ସେଇଠି ବସି ରହିଲା। ପରଦିନ ପ୍ରଭାତରୁ ସାଧୁ ଶ୍ରୀ ତ୍ରିଲୋଚନ ଦାସ ପବିତ୍ର ସରଯୁରେ ସ୍ନାନ ସାରି ଫେରୁଥିଲା ବେଳେ ପ୍ରୟାଗ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା। ସାଧୁ ପ୍ରୟାଗର ହାବ ଭାବରୁ ଜାଣିଗଲେ ସେ ଜଣେ ଭକ୍ତ ବୋଲି। ସେ ତାକୁ ଶ୍ରଦ୍ଧାର ସହ ଆଶ୍ରମକୁ ଘେନି ଆସିଲେ ଓ ତା’ର ପରିଚୟ ପଚାରି ବୁଝିଲେ। ପ୍ରୟାଗ ମଧ୍ୟ, କାହିଁକି ଓ କିପରି ଅଯୋଧ୍ୟା ଆସିଲା ତାହା ସାଧୁଙ୍କୁ କହିଲା। ସେଦିନ ସାଧୁଙ୍କ ଆଶ୍ରମରେ ଏକ ଚମତ୍କାର ଘଟଣା ଘଟିଲା। ପ୍ରୟାଗ ଥାଏ ଖୁବ୍ ଭୋକିଲା । ଦୁଇ ଜଣ ସୁନ୍ଦରୀ ତରୁଣୀ, ରାତି ପ୍ରାୟ ଘଡ଼ିଏ ବେଳକୁ ଦୁଇଟି ସୁନା ଥାଳିରେ ପ୍ରସାଦ ଘେନି ଆସି ପହଁଚିଲେ। ସାଧୁଙ୍କ ହାତକୁ ସେମାନେ ଥାଳି ଦୁଇଟିକୁ ଦେଇ କହିଲେ, ଆଜି ଆମ ମନ୍ଦିରରେ ଉତ୍ସବ ଥିଲା । ଏହି ପ୍ରସାଦ ଆମେ ସାଧୁ ସେବା ପାଇଁ ଆଣିଛୁ। ଆପଣ ରଖନ୍ତୁ ଆମେ ଆସି ପରେ ଥାଳି ଦୁଇଟି ନେଇଯିବୁ। ପଦ୍ମ ପତ୍ରଢଙ୍କା ଥାଳି ନେଇ ସାଧୁ ପତ୍ରକାଢ଼ି ଦେଖନ୍ତି ତ ତା ଭିତରେ ମହ ମହ ବାସୁଥିବା ସବୁ ଦିବ୍ୟ ଅନ୍ନ ବ୍ୟଞ୍ଜନ ରହିଛି। ସାଧୁ ମହାତ୍ମା ବୁଝିଗଲେ କ୍ଷୁଧିତ ଭାଇ ପାଇଁ ଜଗତଜନନୀ ମାଆ ଜାନକୀ ଏ ସବୁ ବ୍ୟବସ୍ଥା କରିଦେଇଛନ୍ତି। ସାଧୁଙ୍କ ଆଶ୍ରମରେ ରହି କିଛିଦିନ ପରେ ଗାଆଁକୁ ଫେରିଲା ପ୍ରୟାଗ । ସେ ମାଆଙ୍କୁ ପ୍ରଣାମ କରି ସବୁକଥା କହିଲା।

କିଛି ଦିନ ପରେ ପ୍ରୟାଗର ଆଉ ଜନକପୁରୀରେ ମନଲାଗିଲା ନାହିଁ। ଅଗତ୍ୟା ସେ ଗୃହତ୍ୟାଗ କରି ପୁଣି ଯାଇ ଅଯୋଧ୍ୟାରେ ପହଞ୍ଚିଲା। ପୂର୍ବ ପରିଚିତ ସାଧୁ ତ୍ରିଲୋଚନ ଦାସ ପ୍ରୟାଗକୁ ଦେଖି ଆଶ୍ରମକୁ ଡାକିନେଲେ । ପ୍ରୟାଗ ତାଙ୍କ ଆଶ୍ରମରେ ରହିଲା। ତାଙ୍କଠାରୁ ଦୀକ୍ଷାନେଇ ତା ନାମ ହେଲା ପ୍ରୟାଗ ଦାସ। ସୀତାଙ୍କ ଭାଇ ବୋଲି ତାକୁ ଅଯୋଧ୍ୟାରେ ସମସ୍ତେ ‘ମାମୁଁ’ ବୋଲି ଡ଼ାକିଲେ । ଏବେ ତା’ର ପରିଚୟ ହେଲା ‘ମାମା ପ୍ରୟାଗ ଦାସ’।

ସାଧୁଙ୍କ ଆଶ୍ରମରେ ଦିନେ ସେ ରାମ କଥା ଶ୍ରବଣ କରୁ କରୁ ହଠାତ୍ ତା ମନକୁ ଆସିଲା, ଲକ୍ଷ୍ମଣଙ୍କ ସହ ତା’ ଭଉଣୀ ଭିଣୋଇ ବନବାସରେ ବାହାରି ଯାଇ, ଚିତ୍ରକୁଟରେ ରହୁଛନ୍ତି। ସେ ଭାବିଲା, ମୋ ଭଉଣୀ ଭିଣୋଇ ତ ବଣରେ ଯାଇ ବଡ଼ କଷ୍ଟରେ ରହୁଥିବେ। ସିଏ ଶୋଉଥିବେ କୋଉଠି ? ଏପରି ଭାବି, ସେ ତିନୋଟି ଖଟ ଓ ବିଛଣା ପ୍ରସ୍ତୁତ କରି ଯାଇ ଚିତ୍ରକୁଟରେ ପହଞ୍ଚି ଭିଣୋଇ ଓ ଭଉଣୀଙ୍କୁ ଖୋଜିବାକୁ ଲାଗିଲା। ପ୍ରଭୁ ବୁଝିପାରିଲେ ଭକ୍ତର ଭାବନାକୁ। ପ୍ରଭୁ ଅନୁଜ ଲକ୍ଷ୍ମଣ ଓ ସୀତାଙ୍କ ସହ ସେଠାରେ ଆବିର୍ଭୁତ ହୋଇ, ପ୍ରୟାଗକୁ କହିଲେ, ଆରେ ପାଗଳା ! ଏ ଖଟ ଆମର କଅଣ ହେବ । ଆମେ ପରା ଏବେ ବଣରେ ଚଉଦବର୍ଷ ପର୍ଯ୍ୟନ୍ତ ସନ୍ନ୍ୟାସ ଜୀବନ କଟାଇବୁ। ଏ ଖଟ ଓ ବିଛଣା ସବୁକୁ ନେଇ ତୁ ଅଯୋଧ୍ୟା ଚାଲିଯା । ବନବାସ ଶେଷ କରି ଆମେ ଫେରିଲେ ତୋ ଖଟ ବିଛଣା ସବୁ ନେଇ ଶୋଇବୁ । ବହୁତ ବୁଝାଇଲା ପରେ ପ୍ରୟାଗ ଖଟ ମୁଣ୍ଡାଇ ଅଯୋଧ୍ୟା ଚାଲିଲା।

ଅଯୋଧ୍ୟାରେ ପହଞ୍ଚି, ସେ ଏକ ନିମ ଗଛ ତଳେ ଖଟିଆ, ଗଦି, ତିନିଟିକୁ ପକାଇଦେଲା । ପ୍ରଭୁଙ୍କ ପ୍ରତୀକ୍ଷାରେ ତା’ ଉପରେ ବସି ପ୍ରଭୁଙ୍କ ନାମ ଜପ କରିବାକୁ ଲାଗିଲା । ଅଯୋଧ୍ୟାରେ ତ ତାଙ୍କୁ ସବୁ ଲୋକ ଜାଣିଥିଲେ । ସମସ୍ତେ କହିଲେ :-

**ନିମ ଗଛ ତଳେ ଖଟିଆ ପକାଇ**
**ଜପୁଅଛି ଜପା ମାଳା ।**
**ମନ ମଉଜରେ ପ୍ରୟାଗ ଦାସ ଏ**
**ଶ୍ରୀରାମଚନ୍ଦ୍ରଙ୍କ ଶଳା ।।**

ଏହି ଥିଲେ, ମାଆ ଜନକନନ୍ଦିନୀଙ୍କ ପରମ ଭକ୍ତ ପ୍ରୟାଗ ଦାସ। ଏହିପରି ସୀତା ରାମଙ୍କ ଭକ୍ତିରେ ତଲ୍ଲୀନ ହୋଇ ସେ ଜୀବନ କଟାଇଲେ ଓ ଅନ୍ତ କାଳରେ ପରମ ଧାମକୁ ଯାତ୍ରା କଲେ ।

ଜୟ ମାଆ ଜାନକୀ

ମୋ -୭୬୯୩୦୯୧୯୭୧

# ଦିଲ୍ଲୀରେ ସାଂଘାତିକ ବାୟୁ ପ୍ରଦୂଷଣ

ନୂଆଦିଲ୍ଲୀ : ଉତ୍ତର ଭାରତରେ ଘନ କୁହୁଡି ଯୋଗୁଁ ଦୃଶ୍ୟମାନତା ହ୍ରାସ ପାଇବାରୁ ଶନିବାର ଦିଲ୍ଲୀ ବିମାନବନ୍ଦରରେ ୧୨୯ ବିମାନ ବାତିଲ କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅତି କମ୍‌ରେ ୬୬ଟି ଆଗମନ ଓ ୬୩ଟି ପ୍ରସ୍ଥାନ ବାତିଲ କରାଯାଇଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସକାଳ ସମୟରେ ଦୃଶ୍ୟମାନତା କମ୍ ରହିବା ପରେ ବିମାନ ବାତିଲ ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି । ସକାଳ ୧୧ଟାରେ ବିମାନବନ୍ଦରରେ ଦୃଶ୍ୟମାନତା ୫୦୦ ମିଟର ରେକର୍ଡ କରାଯାଇଥିଲା। ପାଣିପାଗ ଏଜେନ୍ସି କହିଛି ଯେ, ରାତିରେ ମଧ୍ୟ ମଧ୍ୟମରୁ ଘନ କୁହୁଡ଼ି ହେବା ସମ୍ଭାବନା ରହିଛି । ଆଇଏମ୍‌ଡି ଏହାର ଦୈନିକ ବୁଲେଟିନରେ କହିଛି ଯେ, ଦିଲ୍ଲୀରେ ଆଂଶିକ ମେଘୁଆ ଆକାଶ ରହିବାର ସମ୍ଭାବନା ଅଛି, ଅନେକ ସ୍ଥାନରେ ସାମାନ୍ୟ କୁହୁଡ଼ି ଏବଂ ମଧ୍ୟାହ୍ନ ପର୍ଯ୍ୟନ୍ତ କିଛି ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ରହିବ। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ମଧ୍ୟ ଏକ ପାଣିପାଗ ପରାମର୍ଶ ଜାରି କରି ଚେତାବନୀ ଦେଇଛି ଯେ, ଉତ୍ତର ଭାରତର କିଛି ଅଂଶରେ ଦୃଶ୍ୟମାନତା ହ୍ରାସ ପାଇ ବିମାନ ଚଳାଚଳ ଉପରେ ପ୍ରଭାବ ପକାଇପାରେ। କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ରିଅଲ୍ ଟାଇମ୍ ଫ୍ଲାଇଟ୍ ଅପଡେଟ୍ ପାଇଁ ନିଜ ନିଜ ଏୟାରଲାଇନ୍ସ ସହିତ ନିୟମିତ ଯୋଗାଯୋଗରେ ରହିବାକୁ ଅନୁରୋଧ



କରିଛନ୍ତି। ଲଗାତାର କୁହୁଡ଼ି ମଧ୍ୟରେ ଦିଲ୍ଲୀ ବିମାନ ବନ୍ଦର ସମେତ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ କମ୍ ଦୃଶ୍ୟମାନତା ପ୍ରକ୍ରିୟା ଲାଗୁ କରାଯାଇଛି।

# ନକଲି ଲଟେରି ଟିକେଟ ବିକି ୪ ଗିରଫ

## ପ୍ରଲୋଭନରେ ନପଡ଼ିବା ପାଇଁ ପୋଲିସ୍‌ର ପରାମର୍ଶ

**ରାଉରକେଲା (ଭିଓଭି) :** ୬ ଟଙ୍କା ଓ ୧୦ ଟଙ୍କାରେ ଲଟେରି ଟିକେଟ ବିକ୍ରି କରି ଲକ୍ଷାଧିକ ଟଙ୍କାର ଠକେଇ କରିବା ପରେ ଶେଷରେ ପୁଲିସ ହାବୁଡ଼ରେ ପଡ଼ିଛନ୍ତି ଠକ ଦଳ। ଜନସାଧାରଣଙ୍କୁ ନକଲି ଲଟେରି ଟିକେଟ ବିକ୍ରି କରିଥିବା ୪ ଠକଙ୍କୁ ଗିରଫ କରିଛି ରାଉରକେଲା ପୁଲିସ। ସେମାନଙ୍କଠାରୁ ୨୫ ଲକ୍ଷ ଟଙ୍କା ଜବତ ହୋଇଛି।



ସୂଚନା ଅନୁସାରେ, ଏହି ଠକମାନେ ଲଟେରି ସ୍କିମ୍ କରି ଲକ୍ଷାଧିକ ଟଙ୍କା ଜିତିବାର ଆଶା ଦେଖାଇ ଲୋକଙ୍କୁ ଟିକେଟ ବିକ୍ରି କରୁଥିଲେ। ଗୋଟିଏ ଗୋଟିଏ ଟିକଟର ମୂଲ୍ୟ ୬ରୁ ୧୦ ଟଙ୍କା ମଧ୍ୟରେ ରହୁଥିଲା। ଯାହାଫଳରେ ଜନସାଧାରଣ ବିନା କୌଣସି ସନ୍ଦେହ ଏବଂ ବିନା ଦ୍ୱିଧାରେ ଟିକେଟ କିଣି ନେଉଥିଲେ। ସହରରେ ପ୍ରାୟ ୭/୮ ଜଣ ଏଜେଣ୍ଟ ଏହି ଗ୍ୟାଙ୍ଗ ଚଳାଉଥିଲେ। ପୁଲିସ ଏ ନେଇ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇବା ପରେ ଯୋଜନାବଦ୍ଧ ଭାବେ ଚଢ଼ଉ କରିଥିଲା। ୪ ଜଣଙ୍କୁ ପ୍ଲାଣ୍ଟସାଇଟ ପୁଲିସ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୫ଲକ୍ଷ ଟଙ୍କା ଜବତ କରିଥିବା ଜଣାଯାଇଛି। ଏହି ମାମଲାରେ ଆନ୍ତଃରାଜ୍ୟ ଠକଙ୍କ ସମ୍ପୃକ୍ତି ଅଛି କି ନାହିଁ ତାହାର ତଦନ୍ତ ଚାଲିଥିବା ଓ ଏବେ ବି ଅନ୍ୟମାନଙ୍କ ଉପରେ ପୁଲିସ ନଜର ରଖିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀ ସୂଚନା ଦେଇଛନ୍ତି। ଲଟେରି ନାଁରେ ଏଭଳି ଠକେଇ ଚାଲିଥିଲା ବୋଲି ପୁଲିସ ପ୍ରକାଶ କରିବା ସହ କୌଣସି ମିଥ୍ୟା ପ୍ରଲୋଭନରେ ନପଡ଼ିବା ପାଇଁ ପରାମର୍ଶ ଦେଇଛି।

## ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପିକା ଓ ଛାତ୍ରୀଙ୍କୁ ନିର୍ଯାତନା !

# ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି : କୁଳପତି

**ବାରିପଦା (ଭିଓଭି) :** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ଏମ୍‌ଏସ୍‌ସିବିୟୁ)ରେ ଅତିଥି ଅଧ୍ୟାପିକାଙ୍କ ସହିତ ଜଣେ ଛାତ୍ରୀଙ୍କୁ ନିର୍ଯାତନା ଦିଆଯିବା ଭଳି ସଙ୍ଗିନ ଅଭିଯୋଗ ସାମନାକୁ ଆସିଛି। ତିନିମାସ ମଧ୍ୟରେ ଘଟିଥିବା ଏହି ଦୁଇଟି ଘଟଣା ମଧ୍ୟରୁ ଗୋଟିଏ ଘଟଣାର ତଦନ୍ତ ସରି ରିପୋର୍ଟ ଦାଖଲ ହୋଇଛି। ଅନ୍ୟଟିର ତଦନ୍ତ ଚାଲିଥିବା ଜଣାପଡ଼ିଛି। ହେଲେ, ଏହିଭଳି ସମ୍ବେଦନଶୀଳ ଘଟଣାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ଅନୁସାରେ, ସଂସ୍କୃତ ବିଭାଗର ଜଣେ ଅତିଥି ଅଧ୍ୟାପିକା ବିଭାଗୀୟ ମୁଖ୍ୟଙ୍କ ଅଧୀନରେ ପିଏଚ୍‌ଡି କରୁଛନ୍ତି। ହେଲେ, ବିଭାଗୀୟ ମୁଖ୍ୟ ତାଙ୍କୁ ନିୟମିତ ନିର୍ଯାତନା ଦେଉଥିବା ନେଇ ସେ ଗତ ଅକ୍ଟୋବର ୨୫ରେ ଆଇସିସି (ଇଣ୍ଟରନାଲ୍ କମ୍ପ୍ଲେନ କମିଟି)ନିକଟରେ ଅଭିଯୋଗ କରିଥିଲେ। ୩୫ଦିନ ମଧ୍ୟରେ ତଦନ୍ତସାରି କମିଟି ରିପୋର୍ଟ ଦାଖଲ କରିଥିଲେ। ଯେଉଁଥିରେ ଅଭିଯୋଗର ସତ୍ୟତା ଥିବା ଜଣାପଡ଼ିଥିଲା। ହେଲେ, ରିପୋର୍ଟ ଦାଖଲ ହେବା ସତ୍ତ୍ୱେ ଏପର୍ଯ୍ୟନ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସେହିପରି, ଗତ ଡିସେମ୍ବର ୧ ତାରିଖରେ ଓଡ଼ିଆ ବିଭାଗର ଜଣେ ସହକାରୀ ଅଧ୍ୟାପକଙ୍କ ବିରୋଧରେ ପିଜି ଛାତ୍ରୀ ଜଣକ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଅନ୍ୟ ଦୁଇ ଛାତ୍ରୀ ମଧ୍ୟ ସାକ୍ଷ୍ୟ ଦେଇଛନ୍ତି। ଏହାର ତଦନ୍ତ ଚାଲିଥିବା ବେଳେ କମିଟି ୯୦ ଦିନ ମଧ୍ୟରେ ରିପୋର୍ଟ ଦେବ ବୋଲି ଜଣାପଡ଼ିଛି।



ତେବେ, ଏହି ଦୁଇଟି ଘଟଣାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଠୋସ୍ ପଦକ୍ଷେପ ଗ୍ରହଣ ନକରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ କୁଳସଚିବ ସୁମିତା ସିଂ କହିଛନ୍ତି, ସଂସ୍କୃତ ବିଭାଗ ଘଟଣାର ତଦନ୍ତ ରିପୋର୍ଟ ଆଧାରରେ ୨-୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କୁଳାଧିପତିଙ୍କୁ ଏ ସମ୍ପର୍କରେ ଅବଗତ କରାଯିବ। ଓଡ଼ିଆ ବିଭାଗ ଘଟଣାର ତଦନ୍ତ ଚାଲିଛି ଏବଂ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ। ସେହିପରି, କୁଳପତି ପ୍ରମୋଦ କୁମାର ଶତପଥୀ କହିଛନ୍ତି ଯେ ଗେଜେଟ୍ ନୋଟିଫିକେସନ୍ ଅନୁଯାୟୀ ଆଇସିସି ଗଠନ ହୋଇଛି। ତଦନ୍ତ ରିପୋର୍ଟ ଅନୁଯାୟୀ ପର୍ଯ୍ୟାୟକ୍ରମେ କାର୍ଯ୍ୟାନୁଷ୍ଠାନ ହେଉଛି। ଆବଶ୍ୟକ ପଡ଼ିଲେ ବିଭାଗୀୟ ମୁଖ୍ୟଙ୍କୁ ପଦବୀରୁ ଅବ୍ୟାହତି ଦିଆଯିବ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସଂଧ୍ୟା ହେଲେ ବିକଟାଳ ଶବ୍ଦରେ ଥରୁଛି ଛାତି

**ପୁରୀ (ଭିଓଭି) :** ମେଣ୍ଢା ପଲ ଘଉଡ଼ାଇବା ଭଳି କାର୍ଯ୍ୟ କରୁଛି ଜିଲ୍ଲା ପୁଲିସ। କେତେବେଳେ ବାଂଲା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ଚାରିଦିଗ ଖେଦି ଯାଉଛି ତ, ଆଉ କେତେବେଳେ ଜିଲ୍ଲାରୁ ବିକଟାଳ ଶବ୍ଦଯୁକ୍ତ ଡିଜେ ବାଜାକୁ ବନ୍ଦ କରାଯିବାର ଦର୍ପ ଦେଖାଇ ତନାଘନା ଚଳାଉଛି। ବ୍ରାଉନ ସୁଗାର ବେପାରୀଙ୍କୁ ପାତାଳରୁ ଖୋଜି ବାହାର କରିବାକୁ ବି ବାହାସ୍ଫୋଟ ମରାଯାଇଥିଲା। ଅବଶ୍ୟ ପୁଲିସ ଅପରାଧ ଦମନ କ୍ଷେତ୍ରରେ ସମସ୍ତ ବଳ ଖଟାଉଛନ୍ତି। କିନ୍ତୁ ମୂଳ ଚେର ପର୍ଯ୍ୟନ୍ତ ଯାଇ ସମୂଳେ ନାଶ କରିବାକୁ ଆପତତଃ ଭୁଲି ଯାଉଥିବା ଲକ୍ଷ୍ୟ କରାଯାଉଛି। କାରଣ ବର୍ତ୍ତମାନ ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଥାନା ଅଂଚଳରେ ପୁଲିସ ଆଉ



**ବାହାସ୍ଫୋଟ ମାରୁଥିବା ପୁଲିସ ଓ ପରିବହନ ବିଭାଗ ସମସ୍ତେ ଚୁପ୍**

ଡିଜେ ଗାଡି ଜବତ କ୍ଷେତ୍ରରେ ଅଭିଯାନକୁ ବଳବତର ରଖୁନାହିଁ। ବିବାହ ଋତୁ ଥିବାରୁ ଅସ୍ତରଙ୍ଗ ଓ କାକଟପୁର ଥାନା ଅଂଚଳରେ ଡିଜେ ବଜାଇ ଧମାଲ ପୁଣି ଗଗନ ପବନକୁ ପ୍ରକମ୍ପିତ କରିବା ଆରମ୍ଭ କରିଛି। ଏମିତିକି ପୁଲିସ ସମ୍ମୁଖରେ ବଡ଼ ଆକାରରେ ଡିଜେ ଗାଡି ରାସ୍ତାରେ ଯାତାୟାତ କରୁଛନ୍ତି। ଡିଜେ ଗାଡିର ମୂଳ ଢାଞ୍ଚା ପରିବର୍ତ୍ତନ ହୋଇଥିବା ଦେଖୁଥିଲେ ସୁଦ୍ଧା ପୁଲିସ ଅନ୍ଧ ପାଲଟି ଯାଇଛି। ଅନ୍ୟପଟେ ପୁରୀ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ନିଦା ବିଷ୍ଣୁ ହୋଇ ବସିଛି। ଏଭଳି ଡିଜେ ଗାଡି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆରଟିଓ କ୍ଷମତାପ୍ରାପ୍ତ ରହିଥିଲେ ସୁଦ୍ଧା ଜବତ ଦିଗରେ ପାଦ ବଢ଼ାଉ ନାହାନ୍ତି। ବରଂ କର୍ମଚାରୀ ଅଭାବ ଆଳ ଦେଖାଉଛନ୍ତି। ଉଭୟ ପରିବହନ ବିଭାଗ ଓ ପୁଲିସ ଜାକିଜୁକି ହୋଇ ବସି ରହିବା ଦ୍ୱାରା ଅନେକ ବ୍ୟବସାୟୀ ଛୋଟ ଗାଡି ବା ଟ୍ରଲିରେ ମେଞ୍ଚାଏ ବକ୍ସ ଲଦି ଡିଜେ ଭଳି ଶବ୍ଦ ପ୍ରଦୂଷଣ ବଢ଼ାଇ ଚାଲିଛନ୍ତି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ।

ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦପ୍ତରର ଏ କ୍ଷେତ୍ରରେ ଅଧିକ ଗୁରୁ ଦାୟିତ୍ୱ ରହିଛି। ହେଲେ ଉକ୍ତ ବିଭାଗ କୋହଳ ମନୋଭାବ ରଖି ନାହାନ୍ତି ଓଭରଲୋଡ଼ ଭାରୀଯାନ ଯାଞ୍ଚ ଦିଗରେ ପ୍ରାୟତଃ ପଛଘୁଞ୍ଚା ଦେଇ ଚାଲିଛନ୍ତି। ଗାଡିର ମୂଳ ଢାଞ୍ଚା ପରିବର୍ତ୍ତନ କରି ବେଆଇନ ଭାବେ ଡିଜେ ଗାଡି ନିର୍ମାଣ କରାଯାଉଥିବାରୁ କାର୍ଯ୍ୟାନୁଷ୍ଠାନ ଅର୍ଥାତ ଡିଜେ ଗାଡି ମାଲିକଙ୍କ ଉପରେ ଜରିମାନା, ଉକ୍ତ ଗାଡିର ଫିଟନେସ ଏବଂ ପଞ୍ଜିକରଣ ପ୍ରମାଣପତ୍ରକୁ ରଦ୍ଦ କରାଯିବ ବୋଲି ଘୋଷଣା ହୋଇଥିଲା। ମୋଟର ଯାନ ଆଇନରେ ଡିଜେ ଭ୍ୟାନ୍ କୌଣସି ପ୍ରଚଳିତ ବ୍ୟବସ୍ଥା ନଥିବା ଜାଣିବା ସତ୍ତ୍ୱେ ବର୍ତ୍ତମାନ କାକଟପୁର, ଅସ୍ତରଙ୍ଗ ପୋଲିସ ଓ ଜିଲ୍ଲା ଆରଟିଓ ଗୋଟେ ପ୍ରକାର ନିଘୋଡ଼ ନିଦ୍ରାରେ। ଏଣେ ଅନେକ ସାମାଜିକ ଉତ୍ସବରେ ଡିଜେ ବାଜାକୁ ନେଇ ବିଶୃଙ୍ଖଳା ପରିବେଶ ସୃଷ୍ଟି ହେଉଛି।

# କେନ୍ଦ୍ରାପଡ଼ାକୁ ବନ୍ଧୁକ ଆସୁଛି କେଉଁଠୁ ?

**ଭୁବନେଶ୍ୱର (ଭିଓଭି) :** ଅଳ୍ପଦିନ ବ୍ୟବଧାନରେ ପୁଣି କେନ୍ଦ୍ରାପଡ଼ାରେ କ୍ରାଇମ୍ ଆକ୍ଟିଭ୍ ହୋଇଛି । ପୁଲିସ୍ ପଞ୍ଝାରେ ୪ଟି ବେଆଇନ ବନ୍ଧୁକ ପଡ଼ିବା ପରେ ଏବେ ତୁଳସୀକ୍ଷେତ୍ରରେ ଭାଳେଣି ପଡ଼ିଛି । କାରଣ ସ୍କୁଲ ଛାତ୍ରଙ୍କ ଠାରୁ ଆରମ୍ଭ କରି ଯୁବକଙ୍କ ନିକଟରୁ ମିଳୁଛି ବନ୍ଧୁକ । ଚିନ୍ତାରେ ଲୋକେ, ଛାନଭିନ୍ କରୁଛି ପୁଲିସ । ଗତ ସୋମବାର ଦିନ କେନ୍ଦ୍ରାପଡ଼ା ନିକିରାଇ ଥାନା ବାରୁଅ ନିକଟରୁ ଦୃର୍ବୃତ୍ତକୁ ଗୋଡେଇ ମାଡ଼ି ବସିଲାଥିଲା ପୁଲିସ । ଆଉ ସେମାନଙ୍କଠୁ ବନ୍ଧୁକ ଓ ଅଫୁଟା, ଗୁଳି ଜବତ କରିଛି। ଗତ ମାସ ୨୬ ତାରିଖରେ ସଦର ଥାନା ଅଞ୍ଚଳରେ ଘଟିଥିବା ଏକ ଗଣ୍ଡଗୋଳ ପାଇଁ ଜଣେ ଦୃର୍ବୃତ୍ତକୁ କାବୁ କରିବା ସହ ପୁଲିସ ପଞ୍ଝାରେ ପଡ଼ିଥିଲା ବନ୍ଧୁକ ସହ ଗୁଳି। ସେହିପରି ଡିସେମ୍ବର ୧୩ ତାରିଖରେ କୁଦାନଗରି ଥାନା ଅଞ୍ଚଳରୁ ଜଣେ ନାବାଳକ ଛାତ୍ର ସ୍କୁଲକୁ ବନ୍ଧୁକ ନେଇ ଯାଇଥିଲେ । ଖବର ପାଇ ପୁଲିସ ବନ୍ଧୁକ ଜବତ କରି ତଦନ୍ତ କରୁଛି । ଖାଲି ଏତିକି ନୁହେଁ ସଦର ଥାନା ଅନ୍ତର୍ଗତ ଆଯେବା ଗ୍ରାମରେ ଗୋରୁ ଚାଲାଣକୁ ନେଇ ଗୁଳି କାଣ୍ଡ ଘଟଣା, ଏବଂ ପୂର୍ବରୁ ଟାଉନ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରୁ ୩ ଟି ବନ୍ଧୁକ , ୫୦ରୁ ଅଧିକ ଗୁଳି ଜବତ କରିଥିଲା ପୁଲିସ । ପ୍ରଶ୍ନ ଉଠୁଛି, ମାଲମାଲ ବନ୍ଧୁକ ଆସୁଛି କେଉଁଠୁ, ଚାଲାଣ କରୁଛି କିଏ ?

## କାର୍ଯ୍ୟାଳୟରେ ମଦ୍ୟପାନ ! ଅଧ୍ୟକ୍ଷାଙ୍କ ପ୍ରତିନିଧିଙ୍କୁ ତାଲା

**କେନ୍ଦ୍ରାପଡ଼ା (ଭିଓଭି) :** ଶୁକ୍ରବାର ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ଶୈଳେନ୍ଦ୍ର ସାମଲ ଏବଂ କିଛି ସହଯୋଗୀ ବସିଥିବା ବେଳେ କାର୍ଯ୍ୟାଳୟ ଭିତରେ ଥିବା ବେଳେ ସେଠାରେ ମଦ୍ୟପାନ କରାଯାଉଥିବା ଅଭିଯୋଗ କରି ମାର୍ଶାଘାଇର ଯୁବକମାନେ କାର୍ଯ୍ୟାଳୟରେ ବାହାରୁ ତାଲା ପକେଇ ହୋ ହାଲ୍ଲା କରିଥିଲେ । ଖବର ପାଇ ମାର୍ଶାଘାଇ ପୋଲିସ ଅପରାହ୍ନ ପ୍ରାୟ ସାଢ଼େ ୨ଟା ବେଳେ ମୁକୁଳାଇଥିଲେ । ଅଧିକାଂଶ ସମୟ ଅଧ୍ୟକ୍ଷାଙ୍କ ଅନୁପସ୍ଥିତ ରହୁଥିବା ବେଳେ ତାଙ୍କ ପ୍ରତିନିଧି କାର୍ଯ୍ୟାଳୟ ଖୋଲି ନିଜ ସହଯୋଗୀମାନଙ୍କ ସହିତ ବସିବା ସହିତ ବିଲ୍ ଅପେକ୍ଷାରେ ଥିବା ଫାଇଲ ଗୁଡ଼ିକୁ ଜାଣି ଶୁଣି ଅଟକାଇବା ସହିତ ଅଧିକ ପରିମାଣର ପିସି ଡିମାଣ୍ଡ କରନ୍ତି, ଏପରିକି କାମର ସିକ୍ୟୁରିଟି ପାଇଁ ଆବେଦନ ହୋଇଥିବା ଫାଇଲ ପାସ ପାଇଁ ମଧ୍ୟ ପିସି ଡିମାଣ୍ଡ କରୁଥିବା ନେଇ ଅଭିଯୋଗ ହୋଇଥିଲା । ଅଧ୍ୟକ୍ଷାଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟ ଖୋଲି ତାଙ୍କ ସ୍ୱାମୀ ବସିବା ସହିତ ସହଯୋଗୀମାନେ ମଦ ପିଉଥିବା ନେଇ ଖବରପାଇ ସ୍ଥାନୀୟ ଯୁବକମାନେ କାର୍ଯ୍ୟାଳୟକୁ ଦୀର୍ଘ ସମୟ ଘେରି ରହିଥିଲେ ଏବଂ ତାଲା ପକେଇ ଦେଇଥିଲେ । ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ପାଇ ମାର୍ଶାଘାଇ ଥାନା ଏସଆଇ ଧରିତ୍ରୀ ଜେନାଙ୍କ ନେତୃତ୍ୱରେ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ତାଲା ଖୋଲିବା ସହିତ ଅଧ୍ୟକ୍ଷାଙ୍କ ପ୍ରତିନିଧିଙ୍କୁ ଉଦ୍ଧାର କରିଥିଲେ । ପୋଲିସ ଉପସ୍ଥିତିରେ ସେ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରୁ ବାହାରିବା ପରେ ବିଡିଓଙ୍କ କକ୍ଷକୁ ଯାଇଥିଲେ । ସେଠାରେ ଉପସ୍ଥିତ ଥିବା ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରାଙ୍କୁ ଦୁର୍ବ୍ୟବହାର କରିବା ସହିତ ଉଭୟଙ୍କ ମଧ୍ୟରେ ଠେଲା ପେଲା ହୋଇଥିଲା । ଉପସ୍ଥିତ ଥିବା ଯୁବକମାନେ ତାଙ୍କୁ ଉତ୍ତମ ମଧ୍ୟମ ଦେଇଥିବା ଦେଖିବାକୁ ମିଳିଥିଲା । ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।



## ନୂଆବର୍ଷରୁ ଗାଡ଼ି ଚାଳକ ସାବଧାନ ! ଆପେ କଟିଯିବ ଚାଲାଣ



**ଭୁବନେଶ୍ୱର (ଭିଓଭି) :** ନୂଆବର୍ଷରୁ ଅନେକ ନିୟମ ପରିବର୍ତ୍ତନ ହେବାକୁ ଯାଉଛି । ଆଉ ଯଦି ଆପଣ ରାଜପଥରେ ଦ୍ରୁତ ଗତିରେ ଗାଡି ଚଳାଉଥାନ୍ତି ତେବେ ଟିକେ ସତର୍କ ରୁହନ୍ତୁ । କାରଣ କେନ୍ଦ୍ର ସରକାର ଏବେ ଏମିତି ଏକ ଟୋଲ୍ ସିଷ୍ଟମ୍ ଆଣିବାକୁ ଯାଉଛନ୍ତି, ଯାହା ଦ୍ୱାରା ନା ଟୋଲ୍ ପ୍ଲାଜାରେ ଅଟକିବାକୁ ପଡିବ, ନା ଜରିମାନାରୁ ବର୍ତ୍ତିପାରିବେ ଆପଣ । କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ କହିବା ଅନୁଯାୟୀ ୨୦୨୬ ସୁଦ୍ଧା ଦେଶରେ ଏକ ସାଟେଲାଇଟ୍ ଟୋଲ୍ ଆଦାୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ଯାହାଦ୍ୱାରା ଗାଡ଼ି ଗୁଡ଼ିକ ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ଟୋଲ୍ ପ୍ଲାଜା ପାର କରିପାରିବେ । ଗାଡ଼ିର ନମ୍ବର ପ୍ଲେଟ୍ ଏବଂ ଫାସ୍ଟାଗ୍ ଫଟୋ ଉଠାଇବା ପାଇଁ ହାଇ-ସ୍ପିଡ୍ କ୍ୟାମେରା ଲଗାଯିବ । ତା'ପରେ ଗାଡ଼ି ସହିତ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରୁ ସିଧାସଳଖ ଟୋଲ୍ ରାଶି କଟିଯିବ । ଏହାର ଅର୍ଥ କୌଣସି ନଗଦ ଟଙ୍କା ନାହିଁ, କୌଣସି ବାଧା ନାହିଁ ଏବଂ ଲମ୍ବା ଧାଡ଼ି ନାହିଁ । ସେହିଭଳି ଏହି ନୂଆ ବ୍ୟବସ୍ଥା ଦ୍ୱାରା ଗାଡ଼ି ସ୍ପିଡ୍ ଉପରେ ମଧ୍ୟ ନଜର ରଖିବ । ଯଦି କୌଣସି ଗାଡ଼ି ସାଧାରଣ ଗତି ଅପେକ୍ଷା ଦୁଇଟି ଟୋଲ୍ ପ୍ଲାଜା ମଧ୍ୟରେ ଦ୍ରୁତ ଗତିରେ ଯାଏ ତେବେ ସିଷ୍ଟମ୍ ଗାଡ଼ିକୁ ଦ୍ରୁତ ଗତିରେ ଚଲାଯାଉଥିବା ଚିହ୍ନଟ କରିବ । ଆଉ ସ୍ୱୟଂଚାଳିତ ଚାଲାଣ ଜାରି କରାଯିବ । ଗଡ଼କରୀ କହିଛନ୍ତି ଯେ ଏହି ସମ୍ପୂର୍ଣ୍ଣ ସାଟେଲାଇଟ୍ ବ୍ୟବସ୍ଥା ଏଆଇ ସାହାଯ୍ୟରେ କାର୍ଯ୍ୟ କରିବ । ଟୋଲ୍ ପ୍ଲାଜାରେ ଯାନବାହାନ ନଅଟକାଇ ଇନ୍ଧନ ସଞ୍ଚୟ ହେବ । ସରକାରଙ୍କ ସୂଚନା ଅନୁଯାୟୀ, ଏହା ପ୍ରାୟ ୧୫୦୦ କୋଟି ଟଙ୍କାର ଇନ୍ଧନ ସଞ୍ଚୟ କରିବ । ଏହାସହ ସରକାରଙ୍କ ଜରୁରୀକାଳୀନ ପାଣ୍ଠିରେ ପ୍ରାୟ ୬୦୦୦ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ସୃଷ୍ଟି କରିବ । ଖାଲି ଏତିକି ନୁହେଁ ନୀତିନ ଗଡକରୀ ସ୍ପଷ୍ଟ କରିଛନ୍ତି ଯେ କେନ୍ଦ୍ର ସରକାର କେବଳ ଜାତୀୟ ରାଜପଥ ପାଇଁ ଦାୟୀ, ରାଜ୍ୟ-ସହର କିମ୍ବା ଗ୍ରାମାଞ୍ଚଳ ରାସ୍ତା ପାଇଁ ନୁହେଁ । ସେ କହିଛନ୍ତି ଯେ ୭୦% ଅଭିଯୋଗ ସେହି ରାସ୍ତାଗୁଡ଼ିକର ଆସୁଛି ଯେଉଁ ରାସ୍ତାଗୁଡ଼ିକର କେନ୍ଦ୍ର ସରକାରଙ୍କର କିଛି ସମ୍ପର୍କ ନାହିଁ । ଜାତୀୟ ରାଜପଥରେ ନିମ୍ନମାନର କାମ କରୁଥିବା ଠିକାଦାରମାନଙ୍କୁ ଏବେ ଦୁଇ ବର୍ଷ ପାଇଁ କଳା ତାଲିକାଭୁକ୍ତ କରାଯିବ ।

## ଲଜ୍ଜ୍ୟା : ରାଜଧାନୀରେ ପୁଣି ଜଣେ ନାବାଳିକାକୁ ଗଣଦୁଷ୍କର୍ମ

**ଭୁବନେଶ୍ୱର (ଭିଓଭି) :** ଧଉଳି ଥାନା ଲିଙ୍ଗିପୁର ଦୟା ନଦୀପଠାରେ ଘଟିଥିବା ଲୋମଟାଙ୍କୁରା ନାବାଳିକା ଗଣଦୁଷ୍କର୍ମ ମାମଲାର ବିକଳ କାହାଣୀ ଲୋକଙ୍କ ମନରୁ ଲିଭି ନାହିଁ । ମୁଖ୍ୟ ଅଭିଯୁକ୍ତ ହାପି ହାତୀ ଓ ତା'ର ୨ ସହଯୋଗୀଙ୍କୁ ପୁଲିସ ଗିରଫ କରିଥିଲେ ହେଁ ଆଉ ଦୁଇ ଅଭିଯୁକ୍ତ ଧରାପଡ଼ି ନାହାନ୍ତି । ତେଣୁ ଏବେ ବି ଏହି ଅମାନବୀୟ ମାମଲାକୁ ନେଇ ରାଜଧାନୀରେ ସୃଷ୍ଟି ହୋଇଥିବା ତାତି ଥମି ନାହିଁ । ଏତିକିବେଳେ ପୁଣି ରାଜଧାନୀ ଛାତିରେ ଘଟିଛି ଆଉ ଏକ ନାବାଳିକା ଗଣଦୁଷ୍କର୍ମ ।

ପୀଡ଼ିତାଙ୍କୁ ଚାକିରି ଦେବାକୁ ଫୁସୁଲାଇ ଦୁଇ ପିଶାଚ ସହିଦନଗରସ୍ଥିତ ଏକ ଭଡ଼ାଘରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଗତକାଲି ରାତିରେ ଘଟିଥିବା ଏହି ମାମଲାରେ ପୁଲିସ ୨ ଅଭିଯୁକ୍ତଙ୍କୁ ବାନ୍ଧିଛି । ସେମାନେ ହେଲେ ଖୋର୍ଦ୍ଧା କେରଙ୍ଗ ଅଞ୍ଚଳର ଅକ୍ଷୟ ଦାସ (୨୮) ଓ ମୁକୁନ୍ଦପ୍ରସାଦ ଅଞ୍ଚଳର ସାହିଲ୍ ଖାଁ (୨୬) । ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ ଅଭିଯୁକ୍ତ ଅକ୍ଷୟ ଦାସଙ୍କୁ ସେ ପୂର୍ବରୁ ଜାଣିଥିଲେ । କୌଣସି ସଂସ୍ଥାରେ ଚାକିରିଟିଏ କରାଇଦେବାକୁ ପୀଡ଼ିତା ଅଭିଯୁକ୍ତ ଅକ୍ଷୟଙ୍କୁ କହିଥିଲେ । ପୀଡ଼ିତାଙ୍କ ଅନୁରୋଧ ରକ୍ଷା କରି ଅଭିଯୁକ୍ତ ଅକ୍ଷୟ ପ୍ରତିଶ୍ରୁତି ଦେଇଥିଲେ ଏବଂ ଯେତେବେଳେ ଡକାଇବେ, ତୁରନ୍ତ ଭୁବନେଶ୍ୱର ଆସିବାକୁ ପଡ଼ିବ ବୋଲି କହିଥିଲେ । ମାତ୍ର ଅକ୍ଷୟ ମନରେ ପାପ ଲୁଚିଥିଲା ବୋଲି ପୀଡ଼ିତା ଜାଣିପାରିନଥିଲେ ।



୧୮ ତାରିଖ ଦିନ ଅକ୍ଷୟ ପୀଡ଼ିତାଙ୍କୁ ଡକାଇଥିଲା । ତାଙ୍କୁ ଏକ ସଂସ୍ଥାରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ଚାକିରି କରାଇ ଦେବା ବାହାନାରେ ଅକ୍ଷୟ ତାଙ୍କୁ ସହିଦନଗରସ୍ଥିତ ତା'ର ଭଡ଼ାଘରକୁ ଡକାଇଥିଲା । ଚାକିରି ପାଇବା ଆଶାରେ ପୀଡ଼ିତା ଅକ୍ଷୟଙ୍କୁ ବିଶ୍ୱାସ କରି ସହିଦନଗରସ୍ଥିତ ଭଡ଼ାଘର ଠିକଣାରେ ପହଞ୍ଚିଥିଲେ । କିନ୍ତୁ ଚାକିରି ପାଇବେ କ'ଣ ପୀଡ଼ିତା ଗଣଦୁଷ୍କର୍ମର ଶିକାର ହୋଇଥିଲେ । ସୂଚନା ମୁତାବକ ଅଭିଯୁକ୍ତମାନେ ରାତିସାରା ପୀଡ଼ିତାଙ୍କୁ ଅଟକ ରଖିବା ଲାଗି ଯୋଜନା କରିଥିଲେ ହେଁ ପୀଡ଼ିତା କୌଶଳକ୍ରମେ ସେଠାରୁ ଖସିଆସିଥିଲେ । ପରଦିନ ଅର୍ଥାତ ୧୯ ତାରିଖ ସକାଳେ ପୀଡ଼ିତା ସହିଦନଗର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ମାତ୍ରେ ପୁଲିସ ୨ଟି ଟିମ୍ ଗଠନ କରି ଅଭିଯୁକ୍ତଙ୍କ ପିଛା କରିଥିଲା । ପୀଡ଼ିତା ଖସିଯିବା ପରେ ଅଭିଯୁକ୍ତମାନେ ଭଡ଼ାଘର ଛାଡ଼ି ଅନ୍ୟତ୍ର ଆତ୍ମଗୋପନ କରିଥିଲେ । କିନ୍ତୁ ପୁଲିସ ଟିମ୍ ସେମାନଙ୍କୁ ଖୋର୍ଦ୍ଧାରୁ ଉଠାଇବାରେ ସକ୍ଷମ ହୋଇଥିଲା । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ସାଇଣ୍ଟିଫିକ୍ ଟିମ୍ ନେଇ ଉକ୍ତ ଭଡ଼ାଘରୁ ବିଭିନ୍ନ ନମୁନା ସଂଗ୍ରହ କରିଛି ।

## ଭାଗ୍ୟଶ୍ରୀଙ୍କ ଦାୟିତ୍ୱ ଗ୍ରହଣ




**ଖୋର୍ଦ୍ଧା (ଭିଓଭି) :** ଖୋର୍ଦ୍ଧା ଆଦର୍ଶ ଥାନାର ଅତିରିକ୍ତ ଥାନା ଅଧିକାରୀ ଭାବେ ଭାଗ୍ୟଶ୍ରୀ ବେହେରା ଯୋଗ ଦେଇଛନ୍ତି । ଶ୍ରୀମତୀ ବେହେରା ପୂର୍ବରୁ ଜଙ୍କିଆ ଥାନାରେ ୪ବର୍ଷ ଏବଂ ଶିଙ୍ଗାଂଚଳ ଥାନାରେ ୬ମାସ ହେବ ବେଶ୍ ଦକ୍ଷତାର ସହିତ କାର୍ଯ୍ୟ କରିଛନ୍ତି । ତେବେ ଶ୍ରୀମତୀ ବେହେରାଙ୍କ ଯୋଗଦାନ ପରେ ସେ ପ୍ରଥମେ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କୁ ଭେଟିଥିବା ବେଳେ ପରେ ଥାନାର କର୍ମଚାରୀ ଓ ଶୁଭେଚ୍ଛୁ ତାଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ପୁଲିସ ଅଧିକାରୀ ଓ ଥାନା ଅଧିକାରୀଙ୍କ ପରାମର୍ଶ କ୍ରମେ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଦାସର୍ବଦା କାର୍ଯ୍ୟ କରିବେ ବୋଲି ଶ୍ରୀମତୀ ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ପ୍ରକାଶ ଥାଉକି, ୨୦୧୭ ବ୍ୟାଚ ସବ୍ ଇନ୍ସପେକ୍ଟର ଭାବରେ ପୁଲିସ ସେବାରେ ଯୋଗଦାନ କରି ଇନିସ୍ପେକ୍ଟର ଭାବରେ ପଦୋନ୍ନତି ପାଇବା ପରେ ଆଦର୍ଶ ଥାନାରେ ଅତିରିକ୍ତ ଥାନା ଅଧିକାରୀ ଭାବେ ଯୋଗଦାନ କରିଛନ୍ତି ।

## ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ମିଳିବନି ପେଟ୍ରୋଲ-ଡିଜେଲ

**ଭୁବନେଶ୍ୱର (ଭିଓଭି) :** ଏଣିକି ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ ପମ୍ପରେ ମିଳିବନି ପେଟ୍ରୋଲ କିମ୍ବା ଡିଜେଲ । ଗାଡ଼ିରେ ତେଲ ପକାଇବା ପୂର୍ବରୁ ଦେଖାଇବାକୁ ପଡ଼ିବ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) । ରାଜ୍ୟ ପରିବହନ ପ୍ରାଧିକରଣ ସଂସ୍ଥା ପକ୍ଷରୁ ଏ ସମ୍ପର୍କରେ ତୈଳ କମ୍ପାନୀଗୁଡ଼ିକୁ ଚିଠି ଲେଖି ଅବଗତ କରାଯାଇଛି । ଫଳରେ ଯେଉଁମାନଙ୍କ ନିକଟରେ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନଥିବ, ସେମାନଙ୍କୁ ମିଳିବନି ପେଟ୍ରୋଲ କିମ୍ବା ଡିଜେଲ । ପେଟ୍ରୋଲ ପମ୍ପଗୁଡ଼ିକରେ ଇନ୍ଧନ ଭରିବା ସମୟରେ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ ହେବ । ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ସଂସ୍ଥା (ଏସ୍ଟିଏ) ପକ୍ଷରୁ ଏଭଳି ପଦକ୍ଷେପ




ନିଆଯାଇଛି । ଯାହାଫଳରେ ମୋଟର ଯାନ ନିୟମ ଉଲ୍ଲଂଘନ କରି ପ୍ରଦୂଷଣ କରୁଥିବା ଯାନଗୁଡ଼ିକ ଉପରେ ଅଙ୍କୁଶ ଲଗାଯାଇ ପାରିବ ବୋଲି ଏସ୍ଟିଏ ଆଶା ରଖିଛି ।

# Life Is Beautiful



Sonali Patnaik

We may not realise it when we are living each moment, but as we grow, we slowly begin to understand the true beauty hidden in ordinary days.

When we were children, life was simple. Home was full of noise-siblings fighting and laughing at the same time, parents calling us repeatedly, and endless conversations that had no purpose but brought so much joy. Evenings meant sitting together, sharing stories, teasing each other, and laughing without any reason. We never knew those moments were special. We thought life would always be like that.

Today, we are blessed by God in many ways. We have comfort, opportunities, and access to almost everything at our fingertips. Yet somewhere along the way, we lost time-time for each other. We are surrounded by screens, notifications, and social media, which constantly demand our attention. We are connected to the world, but slowly drifting away from the people sitting next to us.

Family bonding has changed. Those long evening chats have turned into short conversations between phone calls. The simple joy of having tea with neighbours, sharing homemade snacks, and talking about daily life has almost disappeared. The sound of children playing outside, shouting, running, giggling, and creating their own little world is becoming rare. Friends meeting just to share food, laughter, and stories without clicking pictures or checking phones feels like a memory from another time.

Now we look back and call those days "priceless memories." We smile when we remember them, and sometimes our hearts feel heavy with longing. Yet life continues, and we are still creating new moments-different, but meaningful in their own way. The key is to recognise them while they are happening, not after they pass.

Life teaches us that happiness does not always come from big achievements or perfect plans. It comes from gratitude. Being thankful for what we have-our health, our loved ones, and the small joys of everyday life-keeps us mentally peaceful and emotionally strong. A grateful heart leads to a healthier life.

The new generation may never fully understand how deeply we connected with old songs, how music once lived in our hearts, not in playlists. Even today, when we hear those familiar tunes, they instantly take us back in time-to carefree days, innocent smiles, and warm togetherness.

Life is beautiful because it keeps changing, yet it keeps reminding us of what truly matters. If we pause, look around, and hold on to our relationships, moments, and gratitude, life will always feel meaningful-then, now, and always.

Life is best lived in the little things that quietly make us happy. In whatever we do, we always have the capacity to find joy in the moment, even when the situation is not perfect or exactly how we imagined it to be. A smile, a kind word, a shared silence, or a familiar routine can bring comfort. Enjoying the little things helps us appreciate everyday moments, nurturing gratitude and reminding us that happiness often lives in simplicity.

**M : +918587088660**

# Save Aravalli : The Lungs of India



Nihar Ranjan Acharya


The Aravalli mountain range is not merely a stretch of ancient hills running across western India; it is one of the oldest living geological formations on Earth and a silent guardian of India's ecological balance. Stretching over 800 kilometres across Gujarat, Rajasthan, Haryana, and Delhi, the Aravallis act as a natural barrier against desertification, regulate climate, recharge groundwater, and support rich biodiversity. In every sense, the Aravalli range functions as the ***lungs of India***—breathing life into an otherwise fragile landscape.

For centuries, the Aravallis have protected the fertile plains of North India from the relentless expansion of the Thar Desert. They slow down hot desert winds, trap moisture, and help maintain rainfall patterns in adjoining regions. Rivers like the Luni, Sabarmati, and seasonal streams owe their existence to this ancient range. The forests of Aravalli act as massive water-harvesting systems, allowing rainwater to percolate into the ground and recharge aquifers that supply water to millions in Rajasthan, Haryana, and the Delhi-NCR region.

Yet today, these lungs are gasping for breath.

Rampant mining, illegal quarrying, deforestation, unregulated construction, and policy dilution have pushed the Aravallis to the brink of ecological collapse. What took millions of years to form is being dismantled in a few decades. Forest cover is shrinking, hills are being flattened, and wildlife corridors are disappearing. Groundwater recharge zones are being destroyed, leading to severe water scarcity. Dust storms, rising temperatures, and prolonged heatwaves are no longer rare events—they are warnings.

Ironically, the destruction often comes in the name of "development." Roads, real estate projects, and mining operations are justified as




economic necessities, while the long-term environmental costs are ignored. The question that arises is unavoidable: what kind of development sacrifices water security, climate stability, and human health?

The consequences of ignoring the Aravallis are already visible. Delhi-NCR and surrounding regions are experiencing extreme heat, deteriorating air quality, falling water tables, and increased frequency of dust storms. Biodiversity loss is silent but irreversible—once species vanish, no policy or plantation drive can bring them back.

What is even more alarming is that while citizens, environmentalists, and students are protesting to save the Aravallis, institutions entrusted with protection often remain passive or complicit. This reversal of responsibility raises a painful reality: when governance fails, people must rise.

But hope still exists.

Scientific restoration, strict enforcement of environmental laws, protection of forest land, and community participation can still heal the Aravallis. Native tree plantation, revival of traditional water bodies, banning mining in eco-sensitive zones, and transparent environmental governance can bring back life to these hills. Most importantly, we need a shift in mindset—from exploiting nature to coexisting with it.

The Aravallis do not belong to any government, corporation, or generation. They belong to the future. They belong to children who deserve clean air, safe water, and a stable climate. Saving the Aravallis is not an environmental choice; it is a survival necessity.

True development does not bulldoze mountains—it respects them.

Hills are heritage, not highways.

Nature is not negotiable.

If the Aravallis collapse, the cost will be paid not just by ecosystems, but by humanity itself. Saving the Aravalli today is an investment in India's tomorrow.

**Protect what protects you. Save Aravalli—the lungs of India.**

Ph. 8249775817
E-Mail:
nihar.acharya1973@gmail.com

# ଆମ ଭବିଷ୍ୟତ



ସତ୍ୟ ଦାସ

ଏବେ ଓଡ଼ିଶାର ସହରଠାରୁ ଗାଁ ସବୁଠି ଏପରିକି ଘରେ ଘରେ ବିଦ୍ୟୁତ ସରବରାହ ଘରୋଇ ସଂସ୍ଥା ଟାଟା ପାୱାର ଲୋକଙ୍କୁ ଅଧିକ ସିକ୍ୟୁରିଟି ଡିପୋଜିଟ ମାଗୁଛି । ଟେଲିକମ୍ ସେବାରେ ବିଏସ୍ଏନ୍ଏଲ୍ ମୃତପ୍ରାୟ । ଜିଓ, ଏୟାରଟେଲ୍ ମନ ଇଚ୍ଛା ଦର ବୃଦ୍ଧିକୁ ରୋକିବାକୁ କେହି ନାହିଁ। ବନ୍ଦର, ବିମାନ ସେବା, ରେଳ, ନଦୀ, ବାଲି, ଗୋଡି, ଜଳ, ସ୍ଥଳ, ଜଙ୍ଗଲ, ପାହାଡ଼ ଓ ପର୍ବତଗୁଡିକ ଘରୋଇ ଉଦ୍ୟୋଗମାନଙ୍କ ହାତକୁ ଚାଲିଗଲାଣି । ଖାଦ୍ୟପେୟ, ଲୁଗାପଟା, ଗାଡ଼ିମଟର ପେଟ୍ରୋଲ୍ ଡିଜେଲ୍ ସବୁ ପ୍ରାଇଭେଟ୍। ଘରୋଇ ଡାକ୍ତରଖାନାଗୁଡ଼ିକ ରୋଗୀ ଓ ରୋଗୀଙ୍କ ପରିଜନଙ୍କୁ ଲୁଟିବାରେ ବ୍ୟସ୍ତ। ସରକାର ନିଜ ସ୍ୱାର୍ଥରେ ବ୍ୟସ୍ତ। ପ୍ରଶାସନ ସବୁବେଳେ ନିରବଦ୍ରଷ୍ଟା। ନ୍ୟାୟପାଳିକା ଆଖିଥାଇ ମଧ୍ୟ, ଆଖିରେ ଅନ୍ଧପୁଟୁଳି ଦେଇ ବସିଛି। ଶିକ୍ଷା ବ୍ୟବସ୍ଥା ଏବେ ବ୍ୟବସାୟ ପାଲଟିଯାଇଛି, ପାଖରେ ଟଙ୍କା ଯଦି ଅଛି ଏଠି ସବୁକିଛି କିଣିପାରିବେ। ସମାଜର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା, ଗଣମାଧ୍ୟମ ବା ମିଡିଆ ଏବେ ବର୍ଷା ଯୁଆଡେ ଛତା ସିଆଡେ ନୀତିରେ ଚାଲିଛି ତ କେଉଁଠି ଅର୍ଥ ଉପାର୍ଜନର ମାଧ୍ୟମ ପାଲଟିଯାଇଛି ତ ଆଉ କେଉଁଠି ଦଲାଲ୍ ଭୂମିକାରେ ବ୍ୟସ୍ତ। ଅପରାଧୀଙ୍କ ଆତ୍ମବିଶ୍ୱାସ ଦିନକୁଦିନ ବଢି ବଢି ଚାଲିଛି । ଯିଏ ଯେଉଁ ଉପାୟରେ ହେଉ ସାଧାରଣ ଲୋକଙ୍କୁ, ଦେଶକୁ ଓ ରାଜ୍ୟକୁ ଲୁଟି ଖାଇବାରେ ବ୍ୟସ୍ତ । ଗୁଣ୍ଡା, ମାଫିଆମାନଙ୍କ ଦୌରାତ୍ମ୍ୟ ସହିତ ଚୋରି, ବଳାତ୍କାର, ଅପହରଣ ଓ ଆତଙ୍କବାଦ ଦିନକୁ ଦିନ ବଢି ଚାଲିଥିବା ବେଳ, ସାଧାରଣ ମଣିଷଟିଏ ସରକାରଙ୍କର କ'ଣ ବା କରିପାରିବ ? ନିଜକୁ ଜନସେବକ କହୁଥିବା ଜନ ପ୍ରତିନିଧିମାନେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଜେ ଆନନ୍ଦରେ ରହିବା ସହିତ ସାତପୁରୁଷ ପାଇଁ ଧନ ଜମାଉଛନ୍ତି। ତେଣିକି ରାଜ୍ୟ ବା ଦେଶ ଯୁଆଡେ ଯାଉଛି ଯାଉ। ଗରିବ ଜନତା ପାଣି, ପବନ, ଖାଦ୍ୟ, ପୋଷାକ, ଜୋତା, ଚପଲ, ଔଷଧ, ମନ୍ଦିର ଓ ପୂଜା ପାଠ ଯାଏଁ ହିସାବ କଲେ, ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଟିକସ ଦେଇ ଦେଇ ଜଣେ ସାଧାରଣ ବର୍ଗର ମଣିଷ ମରିଯିବ। ଏପରି ଆଉ କେତେଦିନ ଚାଲିବ ?

(ମତାମତ ଲେଖକଙ୍କ ନିଜସ୍ୱ)

**ବକ୍ସି ବଜାର, କଟକ-୧**
**ମୋବାଇଲ୍** - +୯୧ ୯୮୬୧୦ ୬୩୭୯୦

# ଜଣେ ଗାନ୍ଧୀ-ଜଣେ ରାମ



ବିମଳ ଅଗ୍ରୱାଲ

ନିଜ ପ୍ରତିଷ୍ଠା ଠାରୁ ମହାତ୍ମା ଗାନ୍ଧୀଙ୍କର ମାହାତ୍ମ୍ୟକୁ ଦେଶର ଚିନ୍ତା ଓ ଚେତନାରୁ ଲୋପ କରିବାର ନିରନ୍ତର ପ୍ରୟାସ କରିଆସୁଥିବା ଏକ ଦଳ ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନାର ନାମ ପରିବର୍ତ୍ତନ କରି ରାମଙ୍କ ନାମରେ ବିଭି ରାମଜୀ ବୋଲି ଏକ ଯୋଜନା ପ୍ରଣୟନର ଏକ ଭାଣ୍ଡ ପ୍ରୟାସ କରିଛନ୍ତି। ପଟେଲ ବନାମ ନେହେରୁ, ସୁଭାଷ ବୋଷ ବନାମ ନେହେରୁ, ବଙ୍କିମ ଚନ୍ଦ୍ର ବନାମ ରବିନ୍ଦ୍ର ନାଥ ଟାଗୋର ଶୃଙ୍ଖଳାର ପରବର୍ତ୍ତୀ କଡି ଗାନ୍ଧୀ ବନାମ ରାମ। ତେବେ ଭାରତମାତାର ଏହି ସୁପୁତ୍ରମାନଙ୍କର ଭୂମିକାର ପ୍ରଭାବ ଏତେ ବ୍ୟାପକ ଯେ ଆଧୁନିକ ଭାରତର ଇତିହାସ ଏମାନଙ୍କ ନାମ ଓ କାର୍ଯ୍ୟର ଉଲ୍ଲେଖ ବିନା କୌଣସିମତେ ଲେଖାଯାଇପାରିବ ନାହିଁ। ଗାନ୍ଧୀ ନାମ ତ ଦେଶ, କାଳ ଓ ପାତ୍ରର ସମସ୍ତ ସୀମା ସରହଦ ପାର କରି ଏକ ପୃଥିବୀ ପ୍ରସିଦ୍ଧ ସଶ୍ରଦ୍ଧ ଉଚ୍ଚାରଣ ଓ ଏକ ଆଦର୍ଶ ବିଚାରଧାରା। କାଳକ୍ରମେ ଏହି ଶ୍ରଦ୍ଧା ଓ ସମ୍ମାନ ବ୍ୟାପକ ହେବାରେ ଲାଗିଛି। ଇତିହାସ ଏବଂ ପୁରାଣରେ କ୍ଷମତାନ୍ଧ ଶାସକମାନଙ୍କର ନିଜ ପ୍ରତିଭାଠାରୁ ଅଧିକ ପ୍ରତିଷ୍ଠିତ ଲୋକମାନଙ୍କ ନାମ ଲିଭେଇବାର ଅନେକ ଉଦାହରଣ ଏବଂ ତା'ର କୁପରିଣାମ ଉଲ୍ଲେଖ ଅଛି । ଏହା ଏକ ମାନସିକ ରୋଗ, ଏକ ଇର୍ଷାପରାୟଣତା ଓ ଏକ ହୀନମନ୍ୟତାର ପ୍ରତିଫଳନ। ତେବେ ଯୋଜନାର କେବଳ ନାମ ପରିବର୍ତ୍ତନ କରାଯାଇ ନାହିଁ। ବରଂ ଏହାର ଉଦ୍ଦେଶ୍ୟ ଓ କ୍ରିୟାନ୍ୱୟନ ପ୍ରକ୍ରିୟାର ପରିବର୍ତ୍ତନ କରି ନିଜର ବିଫଳତାକୁ ଘୋଡେଇବାର ଚାଲାକି କରାଯାଇଛି। ମୂଳ ଯୋଜନାରେ ବାର୍ଷିକ ୧୦୦ ଦିନ ମଜୁରୀର ଏବଂ ଏହା ସୁନିଶ୍ଚିତ ନକରିପାରିଲେ ବେରୋଜଗାରୀ ଭତ୍ତା ଦେବାର ଗ୍ୟାରେଣ୍ଟି ଥିବାବେଳେ ପରିବର୍ତ୍ତିତ ଯୋଜନାରେ ୧୨୫ ଦିନ ମଜୁରୀର କଥା ଉଲ୍ଲେଖ କରାଯାଇଛି, କିନ୍ତୁ ଏହାର କୌଣସି ଆଇନଗତ ଗ୍ୟାରେଣ୍ଟି ନାହିଁ। ଅବଶ୍ୟ ୨୦୦୫ରେ ଯୋଜନା ପ୍ରଣୟନଠାରୁ ଆଜିସୁଦ୍ଧା କୌଣସି ସରକାର ସର୍ବୋଚ୍ଚ ୫୦ ଦିନରୁ ଅଧିକ ଯୋଗେଇ ପାରିନାହାନ୍ତି ଏବଂ ବିଶେଷ କରି ୨୦୨୧ ଠାରୁ ଏହାପାଇଁ ବଜେଟରେ ଅର୍ଥ ଆବଣ୍ଟନ ହ୍ରାସ ପାଇବାରେ ଲାଗିଛି। ଅଧିକାଂଶ ବିରୋଧୀ ଦଳ ଶାସିତ ରାଜ୍ୟ ସରକାର ଏ ବାବଦ ଅର୍ଥ ଯୋଗାଇଦେବାକୁ କେନ୍ଦ୍ର ସରକାର ଟାଳଟୁଳ କରୁଥିବାର ଅଭିଯୋଗ ସଂସଦ ଭିତରେ କରୁଛନ୍ତି। ପୂର୍ବ ଯୋଜନାରେ ଏହାପାଇଁ କାର୍ଯ୍ୟଖସଡା ପଂଚାୟତ ସ୍ତରରୁ ପ୍ରସ୍ତାବିତ ହେବାର ବ୍ୟବସ୍ଥା ଥିଲାବେଳେ ନୂଆ ଯୋଜନାରେ କାର୍ଯ୍ୟର ପ୍ରକାର ଓ ଆକାର କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ହେବାର ବ୍ୟବସ୍ଥା ଅଛି। ସମଗ୍ର ଦେଶରେ ଏପରିକି ଗୋଟିଏ ନିର୍ଦ୍ଦିଷ୍ଟ ରାଜ୍ୟରେ କ୍ଷେତ୍ର ବିଶେଷରେ ଆବଶ୍ୟକତା ଓ ଉପଲବ୍ଧତା ଭିନ୍ନ ଭିନ୍ନ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ କାର୍ଯ୍ୟଖସଡାର ସୀମା ଏହି ଯୋଜନାର କାର୍ଯ୍ୟାନ୍ୱୟନକୁ ବାସ୍ତବ ରୂପ ଦେବାରେ ବାଧକ ହେବ। ମୂଳ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଖର୍ଚ୍ଚ ଅନୁପାତ ପାଖାପାଖି ୯୦-୧୦% ଥିବାବେଳେ ପରିବର୍ତ୍ତିତ ଯୋଜନାରେ ଏହି ଅନୁପାତ ୬୦-୪୦% ରଖାଯାଇଛି। ବର୍ତ୍ତମାନ ଦେଶର ଅଧିକାଂଶ ରାଜ୍ୟର ଆର୍ଥିକ ଅବସ୍ଥା ଦୁର୍ବଳ ଓ ଋଣଭାରରେ ବୁଡିରହିଥିବା ବେଳେ ରାଜ୍ୟମାନଙ୍କ ଉପରେ ଏହି ଅତିରିକ୍ତ ବୋଝ ସେମାନଙ୍କ ପାଇଁ ଏଥିରେ ଅଂଶ ଗ୍ରହଣ ସଙ୍କୁଚିତ କରିବ । ଫଳରେ ଯୋଜନାର ଉଦ୍ଦେଶ୍ୟ ସାଧନ ହୋଇପାରିବ ନାହିଁ। ପୁନଶ୍ଚ ପୂର୍ବ ଯୋଜନା ସମ୍ପର୍କରେ ସର୍ଭେ ସମୟରେ ବିହାର ଭଳି ଗରିବ ରାଜ୍ୟମାନଙ୍କଠାରୁ ଅପେକ୍ଷାକୃତ ସମୃଦ୍ଧ ରାଜ୍ୟ ତାମିଲନାଡୁ, ହରିୟାଣା ଆଦି ରାଜ୍ୟରେ ଯୋଜନାର ସଫଳତାର ହାର ବହୁ ଅଧିକ। ନୂଆ ଯୋଜନାରେ ରାଜ୍ୟମାନଙ୍କ ଉପରେ ଅଧିକ ଆର୍ଥିକ ବୋଝ ରାଜ୍ୟମାନଙ୍କ ମଧ୍ୟରେ ଆର୍ଥିକ ବ୍ୟବଧାନ ଆହୁରି ବୃଦ୍ଧି କରିବ ଯାହା ପ୍ରକାରାନ୍ତରେ ଦେଶରେ ସାମାଜିକ ଓ ରାଜନୈତିକ ଅସ୍ଥିରତା ବୃଦ୍ଧି କରିବ। ଆବଣ୍ଟିତ ଅର୍ଥର ସୁପରିଚାଳନା ଓ ସୁବିନିଯୋଗ ପାଇଁ ନୂଆ ଯୋଜନାରେ ଯେଉଁ ଡିଜିଟାଇଜେସନ୍ ଏବଂ ସାମାଜିକ ଅଡିଟ୍ ବ୍ୟବସ୍ଥାର ଅବତାରଣା କରାଯାଇଛି ତାହା କାନକୁ ଭଲ ଶୁଣାଯାଉଥିବା ବେଳେ ଗ୍ରାମାଞ୍ଚଳରେ ଲୋକ ଓ କର୍ମୀମାନଙ୍କର ଶିକ୍ଷାର ସ୍ତର, ଇଣ୍ଟରନେଟର ଉପଲବ୍ଧତା ଓ ସଂକୀର୍ଣ୍ଣ ଦଳୀୟ ରାଜନୀତିର ଶିକାର ହୋଇ ଯୋଜନାର ଉଦ୍ଦେଶ୍ୟ ଓ ଆବଶ୍ୟକତା ପୂରଣରେ ବାଧକ ହେବେ। ଏହାକୁ ଅଧିକ ଆଲୋଚନା ଓ ଆବଶ୍ୟକ ସଂଶୋଧନ ପାଇଁ ସମସ୍ତ ବିରୋଧୀ ଦଳଙ୍କ ଦାବିକୁ ଅଗ୍ରାହ୍ୟ କରି ଯେପରି ତରବରିଆ ଭାବେ ସଂସଦରେ ପାରିତ କରିଦିଆଗଲା ଏବଂ ରାଷ୍ଟ୍ରବ୍ୟାପୀ ମଜଦୁର ଓ ଶ୍ରମିକ ସଂଗଠନମାନଙ୍କର ବ୍ୟାପକ ବିରୋଧରୁ ଏହି ପ୍ରସଙ୍ଗ ଦେଶରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିବା ସ୍ପଷ୍ଟ ହୋଇଗଲାଣି। ଆଗକୁ ଏହା କେଉଁ ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା।



(ମତାମତ ଲେଖକଙ୍କ ନିଜସ୍ୱ)

**ମୋବାଇଲ୍** : ୯୪୩୭୨୭୪୫୯୨




## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ Voice of Victims Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ : ୬୩୭୧୪୧୭୩୬୧

***Email:***
voiceofvictim2019@gmail.com
voiceofvictimsnews@gmail.com
***Website :***
https://voiceofvictims.co.in
***E-Paper :***
voiceofvictimsepaper.in

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର